EXPRESSES THE TRUTH

প্রকাশ



ଇଶାନ କିଶନଙ୍କୁ ୧୫.୨୫ କୋଟିରେ କିଣିଲା ମୁମ୍ବାଇ ଇଣ୍ଡିଆନ୍ସ

ପୃଷ୍ଠା-୭

EXPRESSES THE TRUTH

# ଓଡ଼ିଶା ସନ୍ଦେଶ

ପ୍ରକାଶ କରେ କେବଳ ସତ୍ୟ

/Odisha Sandesh

Weekly
ସାପ୍ତାହିକ


RNI NO : ODIODI/2006/19914

ODISHA SANDESH

Website : www.odishasandesh.in
E-mail:odishasandesh.news@gmail.com

 କୋଷ୍ଠକାଠିନ୍ୟ ପାଇଁ ହୋମିଓପ୍ୟାଥିକ୍ ଚିକିତ୍ସା

ପୃଷ୍ଠା-୬




● ବର୍ଷ- ୧୬ ● ସଂଖ୍ୟା-୨୨● ଭୁବନେଶ୍ୱର ● ଫେବୃଆରୀ ୧୪-୨୦,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 22● Bhubaneswar ● February14-20, 2022 ● Page- 8 ● ₹ .3.00

## ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ କ୍ଷେତ୍ରରେ ଉଚ୍ଚ ନୈତିକ ମୂଲ୍ୟ ବୋଧ ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ମଧ୍ୟ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି ।

ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ଉତ୍ତମ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଏବଂ ଏଥିରେ ବିଭିନ୍ନ କ୍ଷେତ୍ରରେ ଅଧିକାରୀ, ଯଥା - ଇଞ୍ଜିନିୟର, ସିଡିପିଓ, ଅଙ୍ଗନବାଡୀ ସୁପରଭାଇଜର, ପୋଲିସ ଇନ୍ସପେକ୍ଟର, ରେଭେନ୍ୟୁ ସୁପରଭାଇଜର ପ୍ରମୁଖ ଅନ୍ତର୍ଭୁକ୍ତ । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୪୬ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧ୍ୟତାମୂଳକ ଅବସର ଦିଆଯାଇଛି । ଏହି ୫ ଜଣଙ୍କ ମଧ୍ୟରୁ ମୟୂରଭଂଜ ଜିଲ୍ଲା ବାରିପଦା ଆଇ.ଟି.ଡି.ଏ ର ଆସିଷ୍ଟାଣ୍ଟ ଇଂଜିନିୟର ଶ୍ରୀ ସନ୍ତୋଷ କୁମାର ଦାସଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ତାଙ୍କ ବିରୋଧରେ ୨.୮୦ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ରହିଛି । ସେଥିପାଇଁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ଆୟ ବହିର୍ଭୁତ ସମ୍ପତ୍ତି ମଧ୍ୟରେ



୪୧.୭୭ ଲକ୍ଷ ଟଙ୍କା ତାଙ୍କ ଘରୁ ନଗଦ ଜବତ କରାଯାଇଥିଲା । ତାଙ୍କର ଭୁବନେଶ୍ୱର ବରଗଡରେ ଏକ ଦୁଇତାଲା ବିଶିଷ୍ଟ ଘର, ଶୈଳଶ୍ରୀ ବିହାରରେ ଏକ ଫ୍ଲାଟ୍, କଳିଙ୍ଗ ବିହାରରେ ଏକ ଅର୍ଦ୍ଧନିର୍ମିତ ବିଲ୍ଡିଂ ରହିଛି । ଏହା ସହିତ ବାଲେଶ୍ୱରରେ ୩ଟି ପ୍ଲଟ୍ ମଧ୍ୟ ଅଛି । ଅପାରଗତା, ଅସାଧୁତା ଓ ଆର୍ଥିକ ଅନିୟମିତତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ଜଗତସିଂହପୁର ଜିଲ୍ଲା ବାଲିକୁଦାର ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଶ୍ରୀମତୀ ସରଳା ଦେଇଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି । ୨୦ ହଜାର ଟଙ୍କା ଲାଞ୍ଚ ଦାବୀ କରି ଗ୍ରହଣ କରୁଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ। ଦୁର୍ନୀତି ନିବାରଣ ବିଭାଗର ଅନୁସଂଧାନରୁ ଜଣାଯାଇଛି ଯେ ତାଙ୍କର ଭୁବନେଶ୍ୱରରେ ୫ଟି ପ୍ଲଟ, ପିପିଲିରେ ଗୋଟିଏ ପ୍ଲଟ ଓ ଜଗତସିଂହପୁରରେ ଦୁଇଟି ପ୍ଲଟ ରହିଛି । ତା ସହିତ ଜଗତସିଂପୁରରେ ଗୋଟିଏ ଦୁଇତାଲା ବିଲ୍ଡିଂ ଅଛି । ଏହାସହିତ ଟଙ୍କା ଓ ସୁନାଗହଣା ଜବତ କରାଯାଇଛି । ଅପାରଗତା ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଜଗତସିଂହପୁର ବାଲିକୁଦାର ଅଙ୍ଗନବାଡି ସୁପରଭାଇଜର ଶ୍ରୀମତୀ ପ୍ରତିମା ସାହୁଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ଅଛି। ଲାଞ୍ଚ ଦାବୀ କରି ଗ୍ରହଣ କରୁଥିବା ବେଳେ ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ । ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ଅପାରଗତା ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।ଅନୁଗୁଳ ପୋଲିସ ଟ୍ରେନିଂ କଲେଜର ପୋଲିସ ଇନ୍ସପେକ୍ଟର ➲ପୃଷ୍ଠା-୭ ଦେଖନ୍ତୁ

## ଓଡ଼ିଶାରେ ବିଧାନ ପରିଷଦ ଗଠନ ନେଇ କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ବିବୃତ୍ତିର ସ୍ପଷ୍ଟୀକରଣ ଦେଲେ ବାଚସ୍ପତି ଡ.ସୂର୍ଯ୍ୟ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ନିକଟରେ ଲୋକସଭାରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଶ୍ରୀ କିରଣ ରିଜ୍‌ଜୁ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶ୍ରୀ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ପ୍ରଶ୍ନ ଯଥା ଓଡ଼ିଶାରେ ବିଧାନ ପରିଷଦ ଗଠନ ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତାବରେ କେନ୍ଦ୍ର ସରକାର କ'ଣ ପଦକ୍ଷେପ ନେଇଛନ୍ତି ଜଣାଇବାକୁ କହିବାରୁ ରାଜ୍ୟ ସରକାରଙ୍କ ଏପରି କୌଣସି ପ୍ରସ୍ତାବ ପାଇ ନଥିବା ଜଣାଇଥିଲେ । ମନ୍ତ୍ରୀଙ୍କ ଏହି ଉତର ରାଜ୍ୟ ସରକାର, ବିଧାନସଭା ଓ ଜନସାଧାରଣଙ୍କୁ ସ୍ତମ୍ଭିଭୂତ କରିଛି । ଗଣମାଧ୍ୟମକୁ ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦେଇ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ ୨୦୧୫ ମସିହାରେ ଡା. ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପାଂଚଜଣିଆ କମିଟି ଗଠନ କରାଯାଇଥିଲା । ସେଥିରେ ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ ଶ୍ରୀ ଭୂଜବଳ ମାଝୀ, ଶ୍ରୀ



ମନୋହର ରନ୍ଧାରୀ ଓ ଶ୍ରୀ ନିତେଶ ଗଙ୍ଗଦେବ ପ୍ରମୁଖ ସଭ୍ୟ ଥିଲେ । ଏହି କମିଟି ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ତା'ର ପ୍ରଥମ ବୈଠକ ଆହୂତ କରିଥିଲା । ପରବର୍ତୀ ସମୟରେ ୨୦୧୫ ଫେବୃଆରୀ ୨ ତାରିଖ, ସେହିବର୍ଷ ମଇ ମାସ ୨୦ ତାରିଖ ୨୦୧୮ ମସିହା ଜୁଲାଇ ୪ ତାରିଖ ଏବଂ ଜୁଲାଇ ୧୬ ତାରିଖରେ କମିଟି ଯଥାକ୍ରମେ କର୍ଣ୍ଣାଟକ, ମହାରାଷ୍ଟ୍ର, ବିହାର ଓ ତେଲେଙ୍ଗାନା ରାଜ୍ୟ ଗସ୍ତ ସାରି ସେଠାରେ ଚାଲିଥିବା ବିଧାନ ପରିଷଦ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ । ରାଜ୍ୟ ସରକାର ଏହି ରିପୋର୍ଟ ପାଇବା ପରେ ମାନ୍ୟବର ସଂସଦୀୟ ବ୍ୟାପାର ମନ୍ତ୍ରୀ ତା. ୨୯.୦୮.୨୦୧୮ରିଖରେ ଓଡ଼ିଶାରେ ବିଧାନ ପରିଷଦ ଗଠନ କରିବା ନେଇ ଏକ ସଂକଳ୍ପ ବିଧାନସଭାକୁ ପଠାଇଥିଲେ । ଉକ୍ତ ପ୍ରସ୍ତାବକୁ ➲ପୃଷ୍ଠା-୭ ଦେଖନ୍ତୁ

## ପଞ୍ଚାୟତ ନିର୍ବାଚନ ଭୋଟଗଣନା ନିୟମାବଳୀ ଘୋଷଣା କଲେ ନିର୍ବାଚନ କମିଶନ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପ୍ରଥମ ଥର ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ସାଧାରଣ ନିର୍ବାଚନ-୨୦୨୨ର ମତଗଣନା ପ୍ରତ୍ୟେକ ବ୍ଲକ୍ ମୁଖ୍ୟାଳୟରେ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନ ନିଷ୍ପତି ନେଇଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ହିସାବରେ ଜିଲ୍ଲାପାଳମାନେ ବ୍ୟକ୍ତିଗତ ଭାବେ ଭୋଟଗଣତି କେନ୍ଦ୍ର ନିର୍ଦ୍ଧୟଠାରୁ ସଂପୂର୍ଣ୍ଣ ମତଗଣନା ପ୍ରକ୍ରିୟା ଓ ନିର୍ବାଚନ ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତଦାରଖ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀଓ୍ୱାରି ଭୋଟଗଣତି କାର୍ଯ୍ୟ ଗୋଟିଏ ବଡ଼ ହଲ୍ ରେ କରାଯିବ। ବ୍ଲକ ମୁଖ୍ୟାଳୟରେ ମତଗଣନା କାର୍ଯ୍ୟ ତିନିଦିନ ଧରି ଚାଲିବ, ଯେମିତିକି ଗୋଟିଏ ବ୍ଲକ୍ ସମସ୍ତ ଜିଲ୍ଲା ପରିଷଦ ମଣ୍ଡଳୀର ଭୋଟଗୁଡ଼ିକର ଗଣତି କାର୍ଯ୍ୟ ତିନିଦିନ ମଧ୍ୟରେ ଶେଷ ହେବ।

ପ୍ରତ୍ୟେକ ବ୍ଲକ୍ ର ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ଅନୁସାରେ ନିର୍ବାଚନ ଅଧିକାରୀମାନେ କେତେଗୋଟି ଭୋଟ ଗଣତି କେନ୍ଦ୍ର ସ୍ଥାପନ କରାଯିବ, ତାହା ନିରୁପଣ କରିବେ। ମନେ କରାଯାଉ କୌଣସି ଏକ ବ୍ଲକ୍ ର ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ତିନିରୁ ଅଧିକ ଅଛି, ସେଠାରେ ନିଶ୍ଚିତ ଭାବେ ଏକରୁ ଅଧିକ ମତଗଣନା କେନ୍ଦ୍ର ହେବ। ଗୋଟିଏ ବ୍ଲକ୍ ର ମତଗଣନା କାର୍ଯ୍ୟ ନିଶ୍ଚିତ ଭାବେ ତିନି ଦିନ ମଧ୍ୟରେ ଶେଷ କରିବା ଲାଗି ନିର୍ବାଚନ ଅଧିକାରୀମାନେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମତଗଣନା କେନ୍ଦ୍ର ବ୍ଲକ୍ ମୁଖ୍ୟାଳୟ ନିକଟରେ ହେବ। ଯଦି ସେଠାରେ ମତଗଣନା କେନ୍ଦ୍ର ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ନଥିବ, ତାହେଲେ ବ୍ଲକ୍ ମୁଖ୍ୟାଳୟରେ ଥିବା ସରକାରୀ କୋଠାଘର, ➲ପୃଷ୍ଠା-୭ ଦେଖନ୍ତୁ

## ବିଜେଡ଼ି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଅନୁରୋଧ କଲେ ମନ୍ତ୍ରୀ ପ୍ରତାପ

କଟକ,(ସଂଦେଶ ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ ୨୬ ଓ ୨୭ ନମ୍ବର ଜିଲ୍ଲାପରିଷଦ ଜୋନରେ ବିଜେଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ରଣକୌଶଳ ସମ୍ପର୍କରେ ସୂଚନା ଦେଇଥିବା ଜଣାପଡିଛି ।ନିକଟରେ କଟରପଡା ପଞ୍ଚାୟତ ନିକଟ ସ୍ୱପ୍ନେଶ୍ୱର ପଡିଆରେ ୨୬ ନମ୍ବର ଜୋନ୍ ଅଧୀନ ଅସୁରେଶ୍ୱର, କଟରପଡା, କଟିକଟା, ସୁକରପଡା, କେଣ୍ଟାଳ, ବାଲିଆପଦା, ବୁହାଳ, ସରପଡା ଆଦି ୮ଟି ପଞ୍ଚାୟତର ଛାମୁଆ କର୍ମୀମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ୨୭ ନମ୍ବର ଜିଲ୍ଲାପରିଷଦ ଜୋନ୍‌ର ବୈଠକ ଦାଉଦପୁର ପଞ୍ଚାୟତର ସାଇମନ୍ଦିର ନିକଟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓରତି, କେରିଲୋ, ଜମରା, ତରତଶାସନ, ଝଡେଶ୍ୱରପୁର, ଦାଉଦପୁର, ନଗସପୁର, ନରେନ୍ଦ୍ରପୁର ଓ ବନ୍ଧକାଟିଆ ଆଦି ୯ଟି ପଞ୍ଚାୟତର ଛାମୁଆ କର୍ମୀ ଯୋଗଦେଇଥିଲେ। ଉଭୟ ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ଦଳର ଜିଲ୍ଲାପରିଷଦ ପ୍ରାର୍ଥୀଙ୍କୁ କିପରି ବିଜୟ କରାଯିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରକାଶଥାଉ କି, ପ୍ରତି ପଞ୍ଚାୟତରୁ ପ୍ରାୟ ୫୦ଜଣ ଲେଖାଏଁ ଛାମୁଆ କର୍ମୀଙ୍କୁ ବୈଠକକୁ ଡକାଯାଇଥିଲା। କେତେକ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ପଦ ନିମନ୍ତେ ଏକାଧିକ ପ୍ରାର୍ଥୀ ମଇଦାନରେ ଥିବାରୁ ଜିଲ୍ଲାପରିଷଦ



ପ୍ରାର୍ଥୀ ଭୋଟହାରକୁ ନେଇ ସଂକଟ ଦେଖାଯାଇଥିବା କେତେକ କର୍ମୀ ମତ ରଖିଥିଲେ। ମନ୍ତ୍ରୀ ଶ୍ରୀ ଜେନା ମନାନ୍ତର ଓ ମତାନ୍ତର ଭୁଲି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ପରାମର୍ଶ ଦେଇଥିଲେ।

**ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍.ଡି.ଜି) ସମ୍ବନ୍ଧିତ କର୍ମଶାଳା**

## ଲୋକମାନଙ୍କ ଜୀବନଧାରଣ ମାନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ସଂପୂର୍ଣ୍ଣ ଅଙ୍ଗୀକାରବଦ୍ଧ : ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ୨୦୨୧-୨୨ ନିମନ୍ତେ ନିରନ୍ତର ବିକାଶ ଲକ୍ଷ୍ୟ ମାନକ-୪.୦ ବିଷୟରେ ଓଡ଼ିଶା ସରକାର ଏବଂ ନୀତି ଆୟୋଗଙ୍କ ମଧ୍ୟରେ ଏକ ଦିନିକିଆ ମିଳିତ କର୍ମଶାଳା ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଖାରବେଳ ଭବନ ସଭାଗୃହଠାରେ ଅନୁଷ୍ଠିତ ଏହି କର୍ମଶାଳାକୁ ଉଦ୍ଘାଟନକରି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଲୋକମାନଙ୍କ ଜୀବନଧାରଣ ମାନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ସଂପୂର୍ଣ୍ଣ ଅଙ୍ଗୀକାରବଦ୍ଧ । ଏଥିପାଇଁ ରାଜ୍ୟ ମଧ୍ୟ କେତେକ ସ୍ୱତନ୍ତ୍ର ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଯୋଜନା, କେନ୍ଦ୍ର-ରାଜ୍ୟ ମିଳିତ ଯୋଜନା ଓ ରାଜ୍ୟର ନିଜସ୍ୱ ପାଣ୍ଠିରୁ ସ୍ୱତନ୍ତ୍ର ଯୋଜନା ସବୁକୁ ୨୦୩୦-କାର୍ଯ୍ୟସୂଚୀ(2030 Agenda) ଏବଂ ଏସ୍.ଡି.ଜି. ଅଭିମୁଖୀ କରାଯାଇଛି । ତେଣୁ ଏସ୍.ଡ଼ି.ଜି. ରାଙ୍କିଂ(ranking) କଲାବେଳେ ଏସମସ୍ତ ଯୋଜନାରୁ ଉପଲବ୍ଧ ଫଳାଫଳ ଗୁଡ଼ିକୁ ବିଚାର କରାଯିବା ଆବଶ୍ୟକ । ଶ୍ରୀ ମହାପାତ୍ର ଆହୁରିମଧ୍ୟ କହିଥିଲେ ଯେ ୨୦୩୦ ମଧ୍ୟରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ହେଉଛି ମୁଖ୍ୟକଥା। ତେଣୁ କେବଳ ନିର୍ଦ୍ଦିଷ୍ଟ କେତୋଟି କେନ୍ଦ୍ରୀୟ ଯୋଜନାର ଫଳାଫଳକୁ ବିଚାର ନକରି ରାଜ୍ୟମାନଙ୍କରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର କ୍ଷେତ୍ରସ୍ତରୀୟ ସାମଗ୍ରିକ ଫଳକୁ ବିଚାର କରିବା ଦରକାର । ତାହାହେଲେ ଏସ୍.ଡି.ଜି. ରାଙ୍କିଂ(ranking) ବାସ୍ତବତା ଭିତ୍ତିକ ହେବ ।କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ସୂଚନାଦେଇ ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା କହିଥିଲେ ଯେ ଏସ୍.ଡି.ଜି. ହାସଲରେ ଓଡ଼ିଶାର ରାଙ୍କିଂ(ranking) ୨୦୧୮ ମସିହାରେ ୫୮ ରୁ ବୃଦ୍ଧି ପାଇ ୨୦୨୧ ମସିହାରେ ୬୧ ରେ ପହଞ୍ଚିଛି । ରାଜ୍ୟରେ ସେବାଯୋଗାଣ ବ୍ୟବସ୍ଥାର କ୍ରମାଗତ ଉନ୍ନତି ଏବଂ ଅନ୍ତର୍ଭୁକ୍ତିକରଣ ବିକାଶଧାରା ନିମନ୍ତେ ଅନେକ ଯୋଜନା ଏବଂ କାର୍ଯ୍ୟକ୍ରମ କରାଯାଉଛି । ଶ୍ରୀ ଜେନା ଆହୁରି ମଧ୍ୟ କହିଥିଲେ ଯେ ୨୦୨୦-୨୧ ➲ପୃଷ୍ଠା-୭ ଦେଖନ୍ତୁ

## କାର୍ଯ୍ୟରେ ନିରପେକ୍ଷତା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଛି ମୋ ସ୍କୁଲ୍‌: ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ମୋ ସ୍କୁଲ୍ ଅଭିଯାନ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଏକ ସଫଳ ନିଦର୍ଶନ । ମୋ ସ୍କୁଲ୍ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିଛି ଏବଂ ଏହି ଅଭିଯାନ ମାଧ୍ୟମରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଉଦାହରଣ ସୃଷ୍ଟିକରିଛି । ମୋ ସ୍କୁଲ୍ ସହ ଲୋକଙ୍କର ଯେଉଁ ବିଶ୍ୱାସ ଓ ଭରସା ଯୋଡ଼ି ହୋଇରହିଛି ତାହାକୁ ଧରିରଖିବା ଆମ ଦାୟିତ୍ୱ । ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ବ୍ୟାପକ କରିବା ଏବଂ ଓଡ଼ିଶାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପହଂଚିବା ପାଇଁ ଆମର ପ୍ରୟାସ ଜାରି ରହିଛି ଓ ରହିବ । ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀଙ୍କୁ କିଭଳି ମୋ ସ୍କୁଲ୍ ମାଧ୍ୟମରେ ସେମାନେ ପଢିଥିବା ବିଦ୍ୟାଳୟ ସହ ଯୋଡ଼ାଯାଇ ପାରିବ ତାହା ଆମର ପ୍ରାଥମିକତା ରହିବ ବୋଲି ମୋ ସ୍କୁଲ୍ ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ କହିଛନ୍ତି। ଶୁକ୍ରବାର ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ମୋ ସ୍କୁଲ୍ ଅଭିଯାନର ୯ମ ପରିଳନା ପରିଷଦ ବୈଠକରେ ଯୋଗଦେଇ ଶ୍ରୀମତୀ ବାଗ୍‌ଚୀ କହିଥିଲେ, ମୋ ସ୍କୁଲ୍ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ବ୍ୟାପକତାକୁ ଦୃଷ୍ଟିରେ ରଖି ସ୍କୁଲ୍‌ସ୍ତରରେ ମନିଟରିଂକୁ ପ୍ରାଥମିକତା ଦିଆଯାଉଛି । ସ୍କୁଲ୍‌ଗୁଡ଼ିକରେ ଚାଲିଥିବା ପ୍ରକଳ୍ପଗୁଡ଼ିକ କିଭଳି ଠିକ୍





ସମୟରେ ଶେଷହେବ ଏବଂ ଛାତ୍ରଛାତ୍ରୀମାନେ ଯେପରି ଏହାର ସୁଫଳ ପାଇପାରିବେ ସେଥିଲାଗି ମୋ ସ୍କୁଲ୍ କାର୍ଯ୍ୟାଳୟ ପକ୍ଷରୁ ଏକାଧିକ ପଦକ୍ଷେପ ହାତକୁ ନିଆଯାଇଛି । ସେହିଭଳି କାର୍ଯ୍ୟରେ ନିରପେକ୍ଷତା ଓ ସ୍ୱଚ୍ଛତା ବଜାୟକୁ ପ୍ରାଥମିକତା ଦିଆଯାଉଥିବା ସେ କହିଥିଲେ । ବୈଠକରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ କହିଥିଲେ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ କ୍ଷେତ୍ରରେ ଦକ୍ଷ କରାଯାଉଛି । ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ସଂସ୍ଥା ସହ ମିଳିତ ଭାବରେ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପାଠପଢା ସହ ପିଲାମାନଙ୍କୁ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଏବଂ ଅନ୍ୟ କ୍ଷେତ୍ରରେ ଦକ୍ଷ କରିବା ପାଇଁ ମୋ ସ୍କୁଲ୍ ପଦକ୍ଷେପ ନେଇଛି । ତେବେ ପ୍ରକଳ୍ପ କାର୍ଯ୍ୟର ତଦାରଖ ସହ ଜନଜାତି ଅଂଚଳରେ ଥିବା ସ୍କୁଲ୍ ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଶ୍ରୀ ସେଠୀ ନିର୍ଦ୍ଦେଶ ଦେଇଥିଲେ । ୫-ଟି ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମରେ ସ୍ୱଚ୍ଛତା ବଜାୟ ପାଇଁ ଗୋଷ୍ଠୀ ସହଭାଗିତା ଓ ସମ୍ପୃକ୍ତିକୁ ଗୁରୁତ୍ୱ ଦିଆଯାଉଛି । ୩,୪୧୫ଟି ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ ଏବଂ ସ୍କୁଲ୍ ପରିଚାଳନା କମିଟି ସଦସ୍ୟମାନଙ୍କୁ ନେଇ ବୈଠକର ଆୟୋଜନ କରାଯାଇଛି ଏବଂ ରୂପାନ୍ତରୀକରଣ ପ୍ରକ୍ରିୟାରେ ସେମାନଙ୍କ ସହଯୋଗ ଲୋଡ଼ାଯାଇଛି । ଏହାସହ ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କ ଦକ୍ଷତା ବିକାଶ, ଶିକ୍ଷାକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧି, ଶିକ୍ଷା ଉପକରଣ ଆଦି ପ୍ରସ୍ତୁତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରିବାକୁ ଏହି ବୈଠକରେ ନିଷ୍ପତି ହୋଇଥିଲା । ସେହିଭଳି ମୋ ସ୍କୁଲ୍ ଅଭିଯାନରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରତି ଜିଲ୍ଲାର ୩ ଜଣ ଲେଖାଁଏ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଚୟନ କରି ପୁରସ୍କୃତ କରାଯିବାକୁ ସ୍ଥିର ହୋଇଥିଲା । ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟଗୁଡ଼ିକ ସହ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଡ଼ି ସେବା ପ୍ରଦାନ ମାଧ୍ୟମରେ ସେମାନଙ୍କୁ ସ୍କୁଲ୍‌ର ବିକାଶ ପ୍ରକ୍ରିୟାରେ ଭାଗୀଦାର ହେବାକୁ ଉତ୍ସାହିତ କରାଯିବ । ଏଥିପାଇଁ ପ୍ରତ୍ୟେକ ସ୍କୁଲ୍ ପୁରାତନ ଛାତ୍ରଛାତ୍ରୀ, ସେମାନଙ୍କର

➲ପୃଷ୍ଠା-୭ ଦେଖନ୍ତୁ

# ହାଇକୋର୍ଟରେ ନିଯୁକ୍ତ ହେଲେ ୩ ନୂଆ ବିଚାରପତି



କଟକ,(ସଂଦେଶ ବ୍ୟୁରୋ): ଓଡିଶା ହାଇକୋର୍ଟରେ ଆଉ ୩ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ମିଳିଛି। ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭି.ନରସିଂହ, ବିରଜା ପ୍ରସନ୍ନ ଶତପଥୀ ଓ ମୁରାହରି ଶ୍ରୀ ରମଣଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତିଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଏନେଇ ଆଇନ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଓଡିଶା ହାଇକୋର୍ଟରେ ନିଯୁକ୍ତିପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ୧୮ ରହିଥିଲାବେଳେ ଏହି ୩ ଜଣ ବିଚାରପତିଙ୍କୁ ମିଶାଇ ଓଡିଶା ହାଇକୋର୍ଟରେ ମୋଟ ବିଚାରପତିଙ୍କ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି।

# ପୂର୍ବତନ ବିଧାୟିକା ରୋଶନୀ ସିଂହଦେଓଙ୍କୁ ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି





ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ତତ୍କାଳୀନ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୯୯୫ ଏବଂ ୨୦୦୦ ମସିହାରେ ଦୁଇଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ରୋଶନୀ ସିଂହଦେଓଙ୍କ ବିୟୋଗରେ ବାଚସ୍ପତି ଡ.ସୂର୍ଯ୍ୟ ନାରାୟଣ ପାତ୍ର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତା ସିଂହଦେଓଙ୍କ ମରଶରୀରକୁ ବିଧାନସଭା ପରିସରକୁ ଅଣାଯିବା ପରେ ସେଠାରେ ବାଚସ୍ପତି ଡ. ପାତ୍ର ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ୧୯୪୦ ମସିହାରେ ଜନ୍ମିତ ସ୍ୱର୍ଗତା ସିଂହଦେଓଙ୍କ ସ୍ୱାମୀ ଚନ୍ଦ୍ରଭାନୁ ସିଂହଦେଓ ଏକ ରାଜନୈତିକ କନ୍ଦଳରେ ମୃତ୍ୟୁବରଣ କରିବା ପରେ ପ୍ରଥମେ ଜନତାଦଳ ଏବଂ ପରେ ବିଜୁ ଜନତା ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ପୁତ୍ର ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ କୋକସରା ବିଧାନସଭା କ୍ଷେତ୍ର ପୁନର୍ଗଠନ ପରେ ଧର୍ମଗଡ଼ ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇ ନବୀନ ପଟ୍ଟନାୟକଙ୍କ ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି ।

# ପ୍ରଥମ ନିର୍ବାଚନ କମିଶନଙ୍କ ବିୟୋଗରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରେ ଶୋକସଭା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟର ପ୍ରଥମ ନିର୍ବାଚନ କମିଶନର ଦେବେନ୍ଦ୍ର କୁମାର ମିଶ୍ରଙ୍କ ବିୟୋଗରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୪ ମସିହାରେ ରାଜ୍ୟ ନିର୍ବାଚନ ଆୟୋଗ ଗଠନ କରାଯାଇଥିଲା ଓ ଦେବେନ୍ଦ୍ର କୁମାର ମିଶ୍ରଙ୍କୁ ପ୍ରଥମ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରାଯାଇଥିଲା। ସାମ୍ବିଧାନିକ ବିଧିବ୍ୟବସ୍ଥା ସହ ନିର୍ବାଚନ ଆୟୋଗ ପାଇଁ ସ୍ୱର୍ଗତ ମିଶ୍ର ନିର୍ବାଚନ ପରିଚାଳନା ନିମନ୍ତେ ଅନେକ ନିୟମକାନୁନ୍ ତିଆରି କରିବା ସହ ନିର୍ବାଚନ ଆୟୋଗର ଭିତିଭୂମି ସୁଦୃଢ କରିବା ଦିଗରେ ବ୍ୟାପକ କାର୍ଯ୍ୟ କରିଥିଲେ। ଏହି ଅବସରରେ ନିର୍ବାଚନ ଆୟୋଗ ତରଫରୁ ଏକ ଶୋକସଭା ଆୟୋଜନ କରାଯାଇ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନିର୍ବାଚନ ଆୟୋଗର ସଚିବ ରବିନ୍ଦ୍ରନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର୍.ଆୟାର, ଉପସଚିବ ଆଜାଦହିନ୍ଦ୍ ପାଣିଗ୍ରାହୀ, ଆଇନ୍ ଅଧିକାରୀ ମାଧୁରୀ ମିଶ୍ରଙ୍କ ସମେତ ଆୟୋଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନୂତନ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତାମାନଙ୍କୁ ବିଧାୟକ ମୋକିମଙ୍କ ସମ୍ବର୍ଦ୍ଧନା



କଟକ,(ସଂଦେଶ ବ୍ୟୁରୋ): ବାରବାଟୀ-କଟକ ବିଧାନସଭା ମଣ୍ଡଳୀର ନୂତନ ଛାତ୍ର କଂଗ୍ରେସ କମିଟିର ଏକ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ସେଲଟର ଛକ ସ୍ଥିତ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ନଗର ଛାତ୍ର କଂଗ୍ରେସ କମିଟିର ସଭାପତି ସୌମ୍ୟ ରଞ୍ଜନ ଦାସ ପୌରହିତ୍ୟ କରିଥିଲେ । ଏଥିରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଛାତ୍ରମାନେ ଦେଶର ଭବିଷ୍ୟତ, ଦେଶକୁ ଏକ ସଠିକ ମାର୍ଗରେ ପରିଚାଳନା ପାଇଁ ନେତୃତ୍ୱ ଦେବାରେ ଶିକ୍ଷିତ ଯୁବକମାନେ ନିର୍ଣ୍ଣାୟକ ଭୂମିକା ନେବା ସଙ୍ଗେ ସଙ୍ଗେ ଦେଶରେ ଗଣତନ୍ତ୍ରର ମୂଲ୍ୟବୋଧକୁ ପ୍ରତିଷ୍ଠା କରି ସାଂପ୍ରଦାୟିକତାବାର ଘୃଣ୍ୟ ବ୍ୟବସ୍ଥା ଠାରୁ ଦେଶକୁ ରକ୍ଷା କରିବାରେ ସହାୟକ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ର କଂଗ୍ରେସର ନବନିଯୁକ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ବିଧାୟକ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟତମ ଅତିଥି ଭାବେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଯୋଗଦେଇ ଦେଶ ଗଠନରେ ଛାତ୍ରମାନଙ୍କର ଯୋଗଦାନ ସ୍ୱାଧୀନତା କାଳରୁ ରହି ଆସିଛି ସେମାନେ ଏକ ସୁସ୍ଥ ସମାଜ ଗଠନ ପାଇଁ ଉତ୍ତର ଦାୟିତ୍ୱ ବୋଧ ରହିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗର ଛାତ୍ର କଂଗ୍ରେସର ପର୍ଯ୍ୟବେକ୍ଷକ ସନ୍ଦିପ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ଉପ ସଭାପତି ମହମ୍ମଦ ଅଲିମ, ନଗର ଛାତ୍ର କଂଗ୍ରେସ ସଭାପତି ବିକି ଚକ୍ରବର୍ତ୍ତୀ, କଟକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, ବାରବାଟୀ-କଟକ ଯୁବ କଂଗ୍ରେସ ସଭାପତି ସନ୍ତୋଷ କୁମାର ପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଂପାଦକ ସାହିଲ ପରଭେଜଙ୍କ ସହିତ ଶତାଧିକ ଛାତ୍ରଯୋଗ ଦେଇଥିଲେ ।

**ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟ ପକ୍ଷରୁ ଅଫ୍‌ଲାଇନ୍ ପରୀକ୍ଷା ବାଧତାମୂଳକ କରିବା ଘଟଣା**

# ରାଜ୍ୟ ସରକାରଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଛାତ୍ରଛାତ୍ରୀମାନଙ୍କୁ ଅଫ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ଦେବାକୁ ବାଧ କରାଯାଉଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସତ୍ୟରଞ୍ଜନ ସାହୁ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ।

ସୂଚାନ ଯୋଗ୍ୟ ଯେ ଗତ ଦୁଇବର୍ଷ ଧରି କରୋନା ମହାମାରୀ ଯୋଗୁଁ ପିଲାମାନଙ୍କ ପାଠପଢ଼ା ବନ୍ଦ ଥିଲା । ମହାମାରୀର ପ୍ରଭାବ କମିବା ପରେ ଗତ ଫେବୃଆରୀ ୭ ତାରିଖ ଦିନଠାରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିଛି । ଛାତ୍ରଛାତ୍ରୀମାନଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ୧୪ ତାରିଖରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ମଧ୍ୟ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । କିନ୍ତୁ ଏହି ଦୁଇ ବର୍ଷ ମଧ୍ୟରେ ପିଲାଙ୍କ ପାଠପଢ଼ାରେ ବହୁକ୍ଷତି ହୋଇଥିବାର ଆଶଙ୍କା କରାଯାଉଛି । ଦୀର୍ଘଦିନ ଧରି ଅଫ୍‌ଲାଇନ୍ ପାଠପଢ଼ା ବନ୍ଦ ଥିବାରୁ କିଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ଓ ଭାବନାତ୍ମକ ସ୍ତରରେ ଅନେକ ସମସ୍ୟା ସୃଷ୍ଟି ହୋଇଥିବାର ସମ୍ଭାବନା ମଧ୍ୟ ରହିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ଫେବୃଆରୀ ୩ ତାରିଖ ଦିନ ସ୍କୁଲଗୁଡ଼ିକ ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି କରିଥିଲେ । ଏଥିରେ ପିଲାମାନେ ତାଙ୍କ ଇଚ୍ଛା ଅନୁଯାୟୀ ଅଫ୍‌ଲାଇନ୍, ଅନ୍‌ଲାଇନ୍ କିମ୍ବା ହାଇବ୍ରିଡ୍ ମୋଡ୍‌ରେ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଥିଲା । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଫେବୃଆରୀ ୩ ତାରିଖ ଦିନ ସ୍କୁଲଗୁଡ଼ିକୁ ଏହି ମର୍ମରେ ଚିଠିଲେଖି ପିଲାମାନଙ୍କୁ ସେମାନଙ୍କ ଇଚ୍ଛା ଅନୁଯାୟୀ ଯେକୌଣସି ମୋଡ୍‌ରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

# ପ୍ରଧାନମନ୍ତ୍ରୀଙ୍କ "ଅଗର କଂଗ୍ରେସ ନା ହୋତି" ଭାଷଣକୁ ପ୍ରଦେଶ କଂଗ୍ରେସ ଉପସଭାପତିଙ୍କ ବିରୋଧ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପ୍ରଦେଶ କଂଗ୍ରେସ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ, ନେହେରୁ ଓ ସୁଭାଷ ବୋଷଙ୍କ ସହଯୋଗରେ ଆମ ଦେଶକୁ ସ୍ୱାଧୀନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ହିନ୍ଦୁ ମହାସଭା ବ୍ରିଟିଶ ସରକାର ସାଙ୍ଗରେ ନଥିଲେ ଭାରତ ବର୍ଷ ବହୁ ପୂର୍ବରୁ ସ୍ୱାଧୀନତା ପାଇଥାନ୍ତା। ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ନେହେରୁ ଭାରତ ବର୍ଷର ବିକାଶ ପାଇଁ ଆପ୍ରାଣେ ଉଦ୍ୟମ କରିଥିଲେ। ଏପରିକି ସେତେବେଳେ ଦେଶରେ ସାଇକେଲ କାରଖାନାଟିଏ ବି ନଥିଲା। ଭାରତବର୍ଷରେ ସ୍କୁଲ, କଲେଜ, ଡାକ୍ତରଖାନା, ଚାଷପାଇଁ ଟ୍ରାକ୍ଟର, ଜଳସେଚନ ପାଇଁ ଡ୍ୟାମ, ଗମନାଗମନ ପାଇଁ ରାସ୍ତା ଓ ପୋଲ ଯୁଦ୍ଧକାଳୀନ ଭିତିରେ ତିଆରି ହେଲା। ତାଙ୍କ ସମୟରେ ବୈଜ୍ଞାନିକ ପ୍ରଣାଳୀରେ ଦେଶର ବିକାଶ ପାଇଁ ବୈଜ୍ଞାନିକ ମାନଙ୍କୁ ମନ୍ତ୍ରୀ ମଣ୍ଡଳରେ ନିଆଯାଇଥିଲା। ଭାରତବର୍ଷ ସମ୍ବିଧାନ ଦଳିତ, ଆଦିବାସୀ ଓ ଗରିବ ମାନଙ୍କର ସାମ୍ବିଧାନିକ ଅଧିକାରକୁ ସାବସ୍ତ୍ୟ କରିବାପାଇଁ ଓ ଅନ୍ୟ ନାଗରିକମାନଙ୍କର ମୌଳିକ ଅଧିକାରକୁ ସାବ୍ୟସ୍ତ କରିବାପାଇଁ ଦଳିତ ନେତା ଡ. ଆମ୍ବେଦକରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲେ। ରାଜା ରାଜୁଡ଼ାଙ୍କ ହାତ ପାଣ୍ଠି କାଟିବା, ବ୍ୟାଙ୍କ ଜାତୀୟକରଣ କରିବା, ଗରିବ ହଟାଇବାପାଇଁ ୨୦ଦଫା କାର୍ଯ୍ୟକ୍ରମକୁ ହାତକୁ ନେବା କଂଗ୍ରେସ ସରକାରରେ ହିଁ ସମ୍ଭବ ହୋଇଥିଲା। ୮୦ ଭାଗ ଗରିବ ଲୋକଙ୍କୁ କଂଗ୍ରେସ ଖାଦ୍ୟ ମାଗଣାରେ ଯୋଗାଇଥିଲେ। ୧୯୭୧ ମସିହାରେ କଂଗ୍ରେସ ନେତୃତ୍ୱରେ ପାକିସ୍ତାନକୁ ଯୁଦ୍ଧରେ ପରାସ୍ତ କରି ପାକିସ୍ଥାନକୁ ଦୁଇଭାଗ କରାଯାଇଥିଲ ।କଂଗ୍ରେସ ସରକାରେ ବିଜ୍ଞାନୀ କାରିଗରୀ କୌଶଳ କମ୍ପୁଟର ଠାରୁ ମୋବାଇଲ ପର୍ଯ୍ୟନ୍ତ ସବୁକିଛି ସମ୍ଭବ ହେବାରୁ ଭାରତବର୍ଷ ପୃଥିବୀରେ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେଲା। ମୋଦୀ ପ୍ରଧାନ ମନ୍ତ୍ରୀ ହେବାପରଠାରୁ ଦେଶର ସମ୍ବିଧାନ ଓ ଗଣତନ୍ତ୍ର ବିପନ୍ନ ହୋଇଛି ।

# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଦାବି




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚିଟ୍ ଫଣ୍ଡ (ପଞ୍ଜିସ୍କିମ୍) କ୍ଷତିଗ୍ରସ୍ତ ଜମାକାରୀଙ୍କୁ ସରକାର ଟଙ୍କା ଫେରସ୍ତ ପ୍ରତିଶୃତି ଦେଇ ମଧ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନଦେଇ ଜମାକାରୀଙ୍କ ଟଙ୍କା ସରକାର ଖାଇ ଯାଇଥିବାରୁ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତମଞ୍ଚ ଆହ୍ୱାନ କ୍ରମେ ଛୋଟ ବଡ଼ ନିର୍ବିଶେଷରେ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦାବିରେ ରାଜ୍ୟବ୍ୟାପୀ ସମସ୍ତ ତହସିଲ୍ ସମ୍ମୁଖରେ ଡିଜିଟାଲ୍ ମାଧ୍ୟମରେ ଜମାକାରୀ ଗଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ତଦନ୍ତ କମିଶନଙ୍କ ୭ ପର୍ଯ୍ୟାୟର ସୁପାରିଶରେ ତହସିଲ୍ ଜରିଆରେ ଯାଞ୍ଚ ସରିଥିବା ସମସ୍ତ ଜମାକାରୀଙ୍କୁ ବି ଟଙ୍କା ନଦେଇ ଅଳ୍ପ କେତେକ କ୍ଷୁଦ୍ର ଜମାକାରୀଙ୍କୁ ୨୦୧୯ ନିର୍ବାଚନ ପୂର୍ବରୁ ଟଙ୍କା ଫେରସ୍ତ ପରେ ବାକି ଟଙ୍କା ସରକାର ଖାଇଗଲେଣି । ଯାଞ୍ଚ ସରିଥିବା ସମସ୍ତ ଜମାକାରୀଙ୍କୁ ଅବିଳମ୍ବେ ଟଙ୍କା ଫେରସ୍ତ, ବାକି ସମସ୍ତ ଜମାକାରୀଙ୍କୁ ତହସିଲ୍ ଜରିଆରେ ପ୍ରତ୍ୟକ୍ଷ ଭାବେ ଚିହ୍ନଟ ଓ ଜମା ପ୍ରମାଣ ଯାଞ୍ଚ ସହ ଟଙ୍କା ଫେରସ୍ତ, ସାହାରା ଭଳି ସଂସ୍ଥାମାନେ ଜମାଟଙ୍କା ନେଇଛନ୍ତି ମାତ୍ର ପରିପକ୍ୱ ରାଶି ଫେରାଉ ନାହାନ୍ତି ସେହି ସମସ୍ତ ଜମାକାରୀଙ୍କୁ ପରିପକ୍ୱରାଶି ଫେରସ୍ତ ପର୍ଯ୍ୟନ୍ତ ଜମାରାଶି ଆଦାୟ ବନ୍ଦ ରଖିବା ସହ ଓଡ଼ିଶାରେ ଅସାଧୁ କମ୍ପାନୀମାନଙ୍କ ଠାରୁ ରାଜ୍ୟ ସରକାର ଜବତ କରିଥିବା କମ୍ପାନୀର ବ୍ୟାଙ୍କ ଜମା ଟଙ୍କା, ସୁନା ମୋହର, ରୂପା ମୋହର, କୋଠା-ବାଡ଼ି, ଜମି-ଜମା, ଶିଳ୍ପ ଓ ବିଭିନ୍ନ ଅସ୍ଥାବର ସମ୍ପତ୍ତି ଯଥା ଗାଡ଼ି-ଘୋଡାର ଏକ ଶ୍ୱେତ ପତ୍ର ପ୍ରକାଶନ ସହ ଏଥିରୁ କେଉଁ ସମ୍ପତ୍ତି କେତେ ଦାମ୍‌ରେ ନିଲାମ କରି ସରକାର କେତେ ଟଙ୍କା ନିଜ ପାଖରେ ରଖିଛନ୍ତି, ତାହାର ତିନିମାସିଆ ବିବରଣୀ ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରକାଶ କରାଯାଉ ।

# ଡିଏଭି କଳିଙ୍ଗନଗରରେ ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ 'ଏଡୁଟେକ୍'



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଶିଶୁମାନଙ୍କ ଲୁକ୍‌କାୟିତ ପ୍ରତିଭାର ପରିସ୍ଫୁଟନ ନିମନ୍ତେ ଡିଏଭି କଳିଙ୍ଗନଗରରେ ପ୍ରତିବର୍ଷଭଳି ଚଳିତବର୍ଷ ଦୁଇଦିନିଆ ବାର୍ଷିକ ପ୍ରଦର୍ଶନୀ "ଏଡୁଟେକ"ଅନୁଷ୍ଠିତ ହୋଇଯାଇଛି। କରୋନା ଓ ଓମିକ୍ରନ ଭଳିଜଟିଳ ପରିସ୍ଥିତିରେ ଥାଇ ମଧ୍ୟ ଛାତ୍ରଛାତ୍ରୀମାନେ ଏହି ପ୍ରକଳ୍ପରେ ଅଂଶଗ୍ରହଣ କରିଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ଏହା ପିଲାମାନଙ୍କର ସୃଜନ ଶୀଳତାର ବିକାଶ ଦିଗରେ ସହାୟକ ହୋଇଥାଏ ବୋଲି ସେ ତାଙ୍କ ଅଭିଭାଷଣରେ ଉଲ୍ଲେଖକରିଥିଲେ। ପ୍ରଦର୍ଶନୀରେବିଜ୍ଞାନ, ଗଣିତ, ଓଡିଆ, ଇଂରାଜୀ, ସାମାଜିକବିଜ୍ଞାନ ଓ ହିନ୍ଦୀବିଭାଗରୁ ୧୦୭ଟି ପ୍ରକଳ୍ପରେ ୨୦୭ ଜଣ ବିଦ୍ୟାର୍ଥୀ ଅଂଶଗ୍ରଗହଣ କରିଥିଲେ ।ତୃତୀୟରୁ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ନିଜନିଜର ପ୍ରକଳ୍ପକୁଉପସ୍ଥାପନ କରିଥିଲେ ଆଭାସୀ ପଟଳମାଧ୍ୟମରେ ।ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରକଳ୍ପଗୁଡିକୁ ବିଚାରକୁ ନିଆଯାଇଥିଲା ।ଶିକ୍ଷୟିତ୍ରୀ ଶର୍ମିଳା ଦାଶ ସ୍ୱାଗତଭାଷଣ ଦେଇଥିବାବେଳେ ଓଡିଶୀ ନୃତ୍ୟ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଛାତ୍ରୀ ପ୍ରୀତିଝଙ୍କାର।

# ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରୀ ନିକଟରେ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): କୋର୍ଟ ପରିସର ସବ୍ ରେଜିଷ୍ଟାର କାର୍ଯ୍ୟାଳୟ ନିକଟରେ ମହାବୀର ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ସତ୍ୟସାଇ ସେବା ସଂଗଠନ ଓଡ଼ିଶା ଏବଂ ଭୁବନେଶ୍ୱର ଓକିଲ ସଂଘ ମିଳିତ ଉଦ୍ୟମରେ କୋର୍ଟ ପରିସର ସବ୍ ରେଜିଷ୍ଟାର କାର୍ଯ୍ୟାଳୟ ନିକଟରେ ଗେଟ୍ ନଂ ୮ଠାରେ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ସ୍ଥାପିତ ହୋଇଯାଇଛି। ଏଥିରେ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ସୁଶାନ୍ତ କୁମାର ପଟ୍ଟନାୟକ, ସି. ଜଗଦୀଶ, ଉମେଶ କୁମାର ବିଶ୍ୱାଳ, ସି. ମନିକୁମାରୀ, ଡେଜି ଶତପଥୀ, ସବିତା କୁମାରୀ ଏବଂ ବହୁ ସଦସ୍ୟ ଯୋଗଦାନ କରିଥିଲେ। ଉକ୍ତ ଉତ୍ସବରେ ଭୁବନେଶ୍ୱର ବାର୍ ଆସୋସିଏସନର ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବଦତ ବାରିକ୍, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା, ସହ ସମ୍ପାଦକ ଶିବ ନାରାୟଣ ସାହୁ ସଂଘ କାର୍ଯ୍ୟକାରୀ କମିଟି ସଭ୍ୟ ସୁରେଶ କୁମାର ଦାସ, ଅଭିଜିତ୍ ମିଶ୍ର, ସବ୍ୟସାଚି ସୂତାର, ଅସିତ ମହାପାତ୍ର, ଅମୂଲ୍ୟ ପ୍ରସାଦ ନାୟକ, ଅମରେଶ ସ୍ୱାଇଁ, ଲିନା ପଟ୍ଟନାୟକ, ପ୍ରମିଳା ଜାଲି ନାରାୟଣ ଜେନା, ସମେତ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀମାନେ ସାମିଲ ହୋଇଥିଲେ ବୋଲି ବାର ଆସୋସିଏସନର ସମ୍ପାଦକ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ଗୋ-ବିକାଶ କେନ୍ଦ୍ରର ଅଧିକାରୀମାନେ ଆତ୍ମନିଯୁକ୍ତି ପାଇଁ ପ୍ରାଣୀ ସମ୍ପଦ ବିକାଶ କାର୍ଯ୍ୟାଳୟ ଆଗରେ ଧାରଣା




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଶାର ସମସ୍ତ ଗୋ-ବିକାଶ କେନ୍ଦ୍ରର ଅଧିକାରୀମାନେ ଆତ୍ମନିଯୁକ୍ତି ପାଇବା ପାଇଁ ଓୟୁଏଟିସ୍ଥିତ ଓଡ଼ିଶା ପାଣି ସମ୍ପଦ ବିକାଶ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ଓଡ଼ିଶାରେ ଥିବା ୩୦୦ ଗୋ-ବିକାଶ କେନ୍ଦ୍ର ଅଧିକାରୀମାନେ ପୂର୍ବରୁ ଭାରତୀୟ ଆଗ୍ରୋ ଇଣ୍ଡଷ୍ଟ୍ରିଜ ଫାଉଣ୍ଡେସନ ଅଧୀନରେ କାର୍ଯ୍ୟ କରୁଥିଲେ। ଏହି ଫାଉଣ୍ଡେସନର କର୍ମଚାରୀଙ୍କ ପ୍ରତି ମନୋମୁଖୀ ବ୍ୟବହାର ଏବଂ କମ୍ ଦରମା ଯୋଗୁଁ ଗୋ-ବିକାଶ କେନ୍ଦ୍ରର ଅଧିକାରୀମାନେ କମ୍ ଦରମାରେ ଆଉ ସେଠାରେ କାର୍ଯ୍ୟ କରିବେ ନାହିଁ ବୋଲି ସରକାରଙ୍କୁ ଜଣାଇଥିଲେ। ସେହି ସମୟରେ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ ବେସରକାରୀ ଭାବେ କୃତିମ ପ୍ରଜନନକାରୀ ଓ ଜାତୀୟ ପଶୁ ରୋଗ ପ୍ରତିଷେଧ ଟୀକା କାର୍ଯ୍ୟକ୍ରମରେ ଆତ୍ମ ନିଯୁକ୍ତି ପାଇଁ ଚିଠି ପ୍ରକାଶ କରିଥିଲେ । ଗୋବିକାଶ କେନ୍ଦ୍ରର ଅଧିକାରୀମାନେ ଓଡ଼ିଶା ପଶୁ ସମ୍ପଦ ବିକାଶ ସମିତିର ଅଧିକାରୀଙ୍କୁ ୨୨.୯.୨୦୨୧ରେ ପତ୍ର ସଂଖ୍ୟା ୧୭୪୫/୧୬ ଆଧାରରେ ଆତ୍ମ ନିଯୁକ୍ତି ପାଇଁ ଦରଖାସ୍ତ କରିଥିଲେ ଏବଂ କର୍ତ୍ତୃପକ୍ଷ ମଧ୍ୟ ଏମାନଙ୍କର ମତାମତ ନେଇ ଚୁପ୍ ବସି ଯାଇଥିଲେ।

# ମନୀଷ ମୃତ୍ୟୁ ମାମଲା:ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଓରଫ୍ ଗୁଡୁ ହତ୍ୟା ମାମଲାରେ ଚାର୍ଜସିଟ୍ ଦାଖଲ କରିଛି ଇନ୍‌ଫୋସିଟି ଥାନା ପୋଲିସ। ଏସଡିଜେଏମ୍ କୋର୍ଟରେ ୪୦୦ ପୃଷ୍ଠାର ଚାର୍ଜସିଟ ଦାଖଲ କଲା ଇନ୍‌ଫୋସିଟି ଥାନା ପୋଲିସ । ଚାର୍ଜସିଟରେ ଦିନେସ, ମୃତ୍ୟୁଞ୍ଜୟ ଓ ଅମରିତ ହତ୍ୟାକାରୀ ବୋଲି ଦର୍ଶାଯାଇଛି । ମନୀଷଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ, ଡାଏଟମ ରିପୋର୍ଟ, ଭିଷେରା ରିପୋର୍ଟ ଚାର୍ଜସିଟରେ ଉଲ୍ଲେଖ ଥିବା ସହ ୧୭ ଜଣ ସାକ୍ଷୀ ଥିବା ଦର୍ଶାଯାଇଛି । ସେମାନଙ୍କ ବିରୋଧରେ ଆଇପିସି ଦଫା-୩୬୪ (ଏ), ୩୦୨, ୨୦୧, ୩୪ ରେ ଚାର୍ଜସିଟ୍ କରାଯାଇଥିବା ସୂଚନା ମିଳିଛି।

ସୂଚନା ମୁତାବକ, ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ବଡ଼ ପୁଅ ମନୀଷ ଅନୁରାଗଙ୍କ ମୃତ୍ୟୁକୁ ଅନେକ ଦିନ ବିତି ଯାଇଛି। କିନ୍ତୁ ଏଯାଏ ଏହି ମୃତ୍ୟୁ ଉପରୁ ରହସ୍ୟ ଉଠିପାରିନାହିଁ। ତଦନ୍ତ ବେଳେ ହୋଟେଲ୍, ବିଲ୍ ଓ ବଚ୍‌ସା ସାମ୍ନାକୁ ଆସିଥିଲା । ମନୀଷଙ୍କୁ ସାଉଥ୍ ସିଟି ହୋଟେଲକୁ ନିଆଯାଇଥିଲା। ସେହି ହୋଟେଲର ବିଲ୍ ପେମେଣ୍ଟକୁ ନେଇ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। କିଛି ଲୋକ ତାଙ୍କୁ ମାରପିଟ୍ କରିବା ସହ ଟଙ୍କା ମାଗୁଥିବା ସୂଚନା ରହିଥିଲା।



ମନୋଜବଂ ମାରୁତତୁଲ୍ୟବେଗଂ ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍ । ବାତାତ୍ମଜଂ ବାନରଯୂଥମୁଖ୍ୟଂ ଶ୍ରୀରାମଦୂତଂ ଶରଣଂ ପ୍ରପଦ୍ୟେ ॥

ସମ୍ପାଦକୀୟ

# ବୈଷ୍ଣବଙ୍କୁ ଧନ୍ୟବାଦ

୨୦୨୨-୨୩ ଆର୍ଥୀକ ବର୍ଷର ରେଳ ବଜେଟରେ ଓଡିଶାରେ ରେଳବାଇର ବିକାଶ ପାଇଁ ୯୭୩୪ କୋଟି ଟଙ୍କାର ଅନୁଦାନ ଘୋଷଣା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ଏବଂ ଏଥିପାଇଁ ରାଜ୍ୟରୁ ଶାସକ ବିଜେଡି ସମର୍ଥନରେ ରାଜ୍ୟସଭାକୁ ନିର୍ବାଚିତ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଧନ୍ୟବାଦର ପାତ୍ର ବୋଲି କୁହାଯିବ। ତାଙ୍କର ବ୍ୟକ୍ତିଗତ ଆଗ୍ରହ ତଥା ଋଣ ଶୁଝିବା ଇଚ୍ଛାଶକ୍ତି ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ନିଃସନ୍ଦେହରେ ସ୍ୱୀକାର କରିବାକୁ ହେବ। କହିବା ବାହୁଲ୍ୟ ଯେ, ରାଜସ୍ଥାନର ବାସିନ୍ଦା ଶ୍ରୀ ବୈଷ୍ଣବ ଓଡିଶାରୁ ବିଜେଡି ସମର୍ଥନରେ ବିଜେପି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦେଶର ସାଂପ୍ରତିକ ରାଜନୈତିକ ପରିବେଶରେ ଯେତେବେଳେ ରାଜ୍ୟରେ ବଜେଡି-ବିଜେପି ମୁହଁମୁହିଁ, ସେତେବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଜେପି ପ୍ରାର୍ଥୀ ଶ୍ରୀ ବୈଷ୍ଣବଙ୍କୁ ସମର୍ଥନ କରିବା ଏକ ବିରଳ ଘଟଣା ଥିଲା। ବୈଷ୍ଣବଙ୍କ ପ୍ରାର୍ଥୀତ୍ୱ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଘୋଷଣା କରିବା ରାଜ୍ୟ ରାଜନୀତିରେ ଏକ ବିସ୍ମୟ ସୃଷ୍ଟି କରିବା ଘଟଣା ଥିଲା। ଏବେ ୨୦୨୨-୨୩ ଆର୍ଥୀକ ବର୍ଷର ରେଳ ବଜେଟରେ ଓଡିଶାକୁ ୯୭୩୪ କୋଟି ଟଙ୍କାର ଅନୁଦାନ ମିଳିଛି, ଯାହାକି ଦେଶ ସ୍ୱାଧୀନ ହେବା ପରଠାରୁ ସର୍ବାଧିକ। ଗତବର୍ଷର ରେଳବାଇ ବଜେଟରେ ୬୯୯୫.୫ କୋଟି ମିଳିଥିବା ବେଳେ ଏଥର ୨୭୦୦ କୋଟିରୁ ଅଧିକ ମିଳିଛି। ଅବଶ୍ୟ ଯେପରି ମଜୁରି, ବେତନ ପ୍ରକଳ୍ପ ବ୍ୟୟଭାର ବଢିଚାଲିଛି, ସେହି ଦୃଷ୍ଟିରୁ ଏହି ଅନୁଦାନରୁ ଯଥେଷ୍ଟ ବୋଲି କୁହାଯାଇପାରିବ ନାହିଁ। ଏହା ସତ୍ତ୍ୱେ ରାଜ୍ୟରେ ରେଳବାଇର ବିକାଶ କ୍ଷେତ୍ରରେ ଏହା ନିଶ୍ଚିତ ସହାୟକ ହେବ ଏବଂ ରାଜ୍ୟବାସୀଙ୍କ ଆଶା-ଆକାକ୍ଷାଂ, ସ୍ୱପ୍ନକୁ ସାକାର କରିବାର ସମ୍ଭାବନା ସୃଷ୍ଟି କରିଛି। ଏହା ସତ୍ୟ ଯେ, ରେଳ ବଜେଟରେ ବହୁ ଆକାକ୍ଷିଂତ ଖୋର୍ଦ୍ଧା ବଲାଙ୍ଗୀର ରେଳପଥ, (ଯାହାର ଦୈର୍ଘ୍ୟ ୨୮୯ କିମି) କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ଥର ପାଇଁ ଗୋଟିଏ ବର୍ଷରେ ୮୯୧.୧୧ କୋଟି ଟଙ୍କା ବ୍ୟୟ ମଞ୍ଜୁର ହୋଇଛି, ଯାହାକି ରେଳ ଲାଇନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବ। ଆମେ ଉଲ୍ଲେଖ କରିବାକୁ ଉଚିତ୍ ମନେ କରୁଛୁ ଯେ, ଆମ ହେତୁ ପାଇବା ଦିନଠାରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସମ୍ପର୍କରେ ଶୁଣି ଆସୁଛୁ। ପାଂଚ ଦଶନ୍ଧି ଉର୍ଦ୍ଧ୍ୱ ସମୟ ଧରି ଏହାର ଶୁଭାରମ୍ଭ ହୋଇଥିଲେ ମଧ୍ୟ ଏହାର ମନ୍ଥର ଗତି ଏବଂ ସ୍ୱଳ୍ପ ବ୍ୟୟ ଅଟକଳ ମନରେ ନିରାଶ ଭାବ ସୃଷ୍ଟି କରି ଆସିଥିଲା। ଅନ୍ୟପକ୍ଷରେ ନୟାଗଡ, ଫୁଲବାଣୀ, ବୌଦ୍ଧ ଓ ସୁବର୍ଣ୍ଣପୁର ଚାରିଟି ଅନୁନ୍ନତ ଜିଲ୍ଲା ରେଳ ବିକାଶରେ ଯୋଡି ହେବ, ଏହି ଆଶା ଥିଲା। ଏବେ ଏହି ଆଶା, ସ୍ୱପ୍ନ ସାକାର ହେବାକୁ ଯାଉଛି। ଇତି ମଧ୍ୟରେ ନୟାଗଡ ଜିଲ୍ଲା ରେଳ ବିକାଶରେ ଯୋଡି ହୋଇଯାଇ ଥିବା ବେଳେ ଅନ୍ୟ ତିନୋଟି ଜିଲ୍ଲାରେ ରେଳ ଅପହଂଚ ରହିଛି। କେବଳ ଖୋର୍ଦ୍ଧା-ବଲାଙ୍ଗୀର ନୁହେଁ, ରାଜ୍ୟର ଆଉ ୩ଟି ରେଳ ଲାଇନ ତଥା ତାଳଚେର, ବିମଳାଗଡ, ଅନୁଗୁଳ-ସୁକିନ୍ଦା ଏବଂ ହରିଦାସପୁର-ପାରାଦ୍ୱୀପ ରେଳପଥ ପାଇଁ ଅନୁଦାନ ମଧ୍ୟ ବୃଦ୍ଧି ପାଇଛି। ଯାହାକି ରେଳ ଲାଇନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ, ଏଥିରେ ସନ୍ଦେହ ନାହିଁ।

# ନୀତିବାଣୀ

ସେମାନଙ୍କ ମା'ମାନେ ଉଦ୍‌ବିଗ୍ନ ଥିଲେ କିପରି ପିଲାମାନଙ୍କୁ ରକ୍ଷା କରିବେ ଏବଂ ତତ୍ ସଂଗେ ସଂଗେ ଗୃହ କର୍ମ ବି କରିବେ । ଏଥିପାଇଁ ସେମାନେ କେବେ ଶାନ୍ତିରେ ନଥିଲେ। ଅତି ଅଳ୍ପ ସମୟ ମଧ୍ୟରେ କୃଷ୍ଣ ଓ ବଳରାମ ଉଭୟେ ଠିଆ ହେବାକୁ ଆରମ୍ଭ କଲେ ଏବଂ ସେମାନଙ୍କ ପାଦରେ ଏଣେତେଣେ ଚାଲବୁଲ କରିବାକୁ ଆରମ୍ଭ କଲେ। କୃଷ୍ଣ ଓ ବଳଭଦ୍ର ଚାଲବୁଲ କରିବାକୁ ଆରମ୍ଭ କଲାକ୍ଷଣି, ସମ୍ଭବତଃ ଅନ୍ୟପିଲାମାନେ ସେମାନଙ୍କ ସାଥିରେ ଯୋଗ ଦେଲେ ଏବଂ ସେମାନେ ସମସ୍ତେ ଏକତ୍ର ଗୋପୀମାନଙ୍କୁ ବିଶେଷତଃ ମାଆ ଯଶୋଦା ଓ ରୋହିଣୀଙ୍କୁ ପରମ ଦିବ୍ୟ ଆନନ୍ଦ ବୋକୁ ଆରମ୍ଭ କଲେ ।
ଯଶୋଦା ଓ ରୋହିଣୀଙ୍କର ଯେତେ ସାଙ୍ଗସାଥି ଗୋପୀମାନେ ଥବଲେ ସମସ୍ତେ ବୃନ୍ଦାବନରେ କୃଷ୍ଣ ଓ ବଳରାମଙ୍କର ଦିବ୍ୟ ଚପଳ ବାଲ୍ୟଲୀଳା ଉପଭୋଗ କଲେ । ଅଧିକ ଦିବ୍ୟ ଆନନ୍ଦ ଉପଭୋଗ ନିମିତ୍ତ ସେମାନେ ସମସ୍ତେ ଏକତ୍ର ହୋଇ ମାଆ ଯଶୋଦାଙ୍କ ପାଖରେ ଚପଳ ବାଳକମାନଙ୍କ ଦୁଷ୍ଟାମି ସମ୍ବନ୍ଧରେ ଆପତ୍ତି କରୁଥିଲେ । କୃଷ୍ଣ ଯେତେବେଳେ ମାଆ ଯଶୋଦାଙ୍କ ପାଖରେ ବସିଥାନ୍ତି, ଠିକ୍ ସେତିକିବେଳେ ବୟସ୍କା ଗୋପୀମାନେ ତାଙ୍କ (କୃଷ୍ଣଙ୍କ) ବିରୁଦ୍ଧରେ ମାଆ ଯଶୋଦାଙ୍କ ଆଗରେ ଆପତ୍ତି କରନ୍ତି, ଯେପରିକି କୃଷ୍ଣ ଶୁଣିପାରିଲେ । ସେମାନେ କହୁଥିଲେ, "ହେ ଯଶୋଦା, ତୁ ତୋର ଏ ଦୁଷ୍ଟ କୃଷ୍ଣଙ୍କୁ କାହିଁକି ସମ୍ଭାଳୁନାହୁଁ? ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ସେ ବଳରାମଙ୍କ ସହିତ ଆମ ଘରକୁ ଆସୁଛି ଆମେ ତାର ଦୁହିଁବା ପୂର୍ବରୁ ବାଛୁରୀମାନଙ୍କୁ ଫିଟାଇ ଦେଉଛି , ଫଳରେ ବାଛୁରୀମାନେ ସବୁ ଦୁଧ ପିଇ ଦେଉଛନ୍ତି। ଆମେ ଯେତେବେଳେ ଗାଈ ଦୁହିଁବାକୁ ଯାଉଛୁ ଆଉ ଦୁଧ ନାହିଁ। ଆମେ ଶୂନ୍ୟପାତ୍ର ସହ ଫେରୁଛୁ । ଆମେ ଯଦି କୃଷ୍ଣ ଓ ବଳରାମଙ୍କୁକ ଏ ପ୍ରକାର କାଣ୍ଡ ପାଇଁ ସାବଧାନ କରି ଦେଉଛୁ ତ ସେମାନେ ଖୁବ୍ ସୁନ୍ଦର ହସ ହସୁଛନ୍ତି । ଆମେ କିଛି କରିପାରୁ ନାହୁଁ। ଅହୁରି ମଧ୍ୟ ତୁମ କୃଷ୍ଣ- ବଳରାମ, ଆମେ ଯେତେ ଯୁଆଡ଼େ ଲୁଚାଇ ରଖିଲେ ସୁଦ୍ଧା ଆମ ଦହି ଓ ଲହୁଣୀ ଚୋରି କରିବାରେ ଖୁବ୍ ଆନନ୍ଦ ଅନୁଭବ କରୁଛନ୍ତି । ଆମେ ଯେତେବେଳେ ସେମାନଙ୍କୁ ଚୋରି କରିବା ବେଳେ ଧରୁଛୁ ସେମାନେ କହୁଛନ୍ତି, 'ତୁମେମାନେ କାହିଁକି ଆମକୁ ଚୋରି ଅପରାଧରେ ଧରୁଛ ? ଦହି ଓ ଲହୁଣୀ ତୁମ ଘରେ କ'ଣ ଅଭାବ ଅଛି ?' ବେଳେବେଳେ ସେମାନେ ଦୁଧ, ଦହି ଓ ଲହୁଣୀ ଚୋରି କରି ମାଙ୍କଡ଼ମାନଙ୍କ ମଧ୍ୟରେ ବାଣ୍ଟି ଦେଉଛନ୍ତି ।

# ସ୍ୱର ସାମ୍ରାଜ୍ଞୀ ଲତା ଅମର ରହେ...

ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
Email: Laxmansahoo9040@gmail.com



ପରଲୋକରେ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକର ସମସ୍ତଙ୍କ ପାଇଁ ଅବିଶ୍ୱାସ ହେଲେ ବି ସତ ଥିଲା । ରବିବାର ସକାଳ ୮ଟାରେ ଲତା ମଙ୍ଗେସକରଙ୍କ ଦେହାନ୍ତ ଭାରତକୁ ଅଶ୍ରୁସିକ୍ତ କରିଛି । କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ତାର କୋକିଳ କଣ୍ଠ ସ୍ୱର ସାମାଜ୍ଞୀ ଲତାଙ୍କୁ ହରାଇ ମର୍ମାହତ ଓ ସ୍ତମ୍ଭୀଭୂତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା । ଗୁରୁତର ଅବସ୍ଥାରେ ଲତାଙ୍କୁ ମୁମ୍ବାଇସ୍ଥିତ ଏକ ଘରୋଇ ହସ୍ପିଟାଲର ଭେଣ୍ଟିଲେଟରରେ ରଖାଯାଇଥିଲା । ମଲ୍ଟି ଅର୍ଗାନ ଫେଲ୍ୟୁର ଯୋଗୁଁ ଲତାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି । ସ୍ୱର ସାମ୍ରାଜ୍ଞୀଙ୍କୁ ଦେହାନ୍ତରେ ଦେଶ ଦୁଇ ଦିନିଆ ଶୋକ ପାଳନ କରିଥିବା ବେଳେ, ତାଙ୍କର ଶେଷକୃତ୍ୟ ଶିବାଜୀ ପାର୍କରେ ଭାରତୀୟ ରୀତିନୀତି ଅନୁସାରେ ସଂପନ୍ନ ହୋଇଛି ।

ଭାରତ ରତ୍ନ, କୋକିଳ କଣ୍ଠୀ ଲତା ମଙ୍ଗେସକରଙ୍କ ସହିତ ଗୋଟିଏ ଯୁଗର ଅନ୍ତ ହୋଇଛି । କୁହାଯାଏ ଲତା ଦିଦିଙ୍କ କଣ୍ଠରେ ସ୍ୱୟଂ ଦେବୀ ସରସ୍ୱତୀ ବାସ କରୁଥିଲେ । ସରସ୍ୱତୀ ପୂଜା ବିସର୍ଜନ ଅବସରରେ ଲତା ମଙ୍ଗେସକର ମଧ୍ୟ ସ୍ୱର୍ଗାରୋହଣ କରିଛନ୍ତି । ସ୍ୱର ସମ୍ରାଜ୍ଞୀ ଚାଲିଯିବା ପରେ ଯେଉଳି ଗୋଟିଏ ଯୁଗର ସଙ୍ଗୀତ ଜଗତ ଠାରୁ ଅଲଗା ହୋଇଯାଇଛି । ଲତା ମଙ୍ଗେସକରଙ୍କ ସ୍ୱର ମନକୁ ଭିଜଉ ଥିଲା । ହୃଦୟ ଭିତରର ଭାବନାର ଅନୁଭବ ଭରି ଦେଉଥିଲା । କାହାର ଅପେକ୍ଷାରେ ନିଜକୁ ହଜାଇ ଦେବା ଓ ଶାଶ୍ୱତ ପ୍ରେମର ପରିଭାଷା ଯେମିତି ତାଙ୍କ ସ୍ୱର ଶିଖାଇଥିଲା । ନବ ଉନ୍ମାଦନାରେ ପୁଲକିତ କରୁଥିଲା । ଦେଶଭକ୍ତିଙ୍କ ଭାବନା ଉଦ୍‌ରେକ କରିବା ସହ ସୀମାର ପ୍ରାଚୀର ଟପିବାରେ ସମର୍ଥ ହୋଇଥିଲା ଲତାଙ୍କ ସ୍ୱର । ସବୁବେଳେ ଯେମିତି ତାଙ୍କ ଗୀତରେ ହଜିଯିବାକୁ ବାଧ କରୁଥିଲା । ଲାଗୁଥିଲା ସେହି ସ୍ୱରରେ ଭିଜି ମଣିଷ ଭିନ୍ନ ଏକ ଦୁନିଆରେ ପ୍ରବେଶ କରୁଛି । ସମୟ ତ ଆଗକୁ ବଢ଼ିବ । କିନ୍ତୁ ତାଙ୍କ ପରି ନା, କେହି ଥିଲେ ନା କେହି ହେବେ । ସ୍ମୃତିର ଆଇନାରେ ଲତାଙ୍କ ସ୍ୱର ସବୁବେଳେ ସେମିତି ସାଇତା ହୋଇ ରହିଥିବେ ।


ଦଶନ୍ଧି ଦଶନ୍ଧି ଧରି ଶୁଭୁଥିବା ଲତାଙ୍କ ସ୍ୱର ଏବେ ନିରବୀ ଯାଇଛି । ଯେଉଁ ସ୍ୱର ସମସ୍ତଙ୍କ ହୃଦୟରେ ରାଜ୍ କରୁଥିଲା, ତାହା ଯୁଗ ଯୁଗ ଧରି, ପୀଢ଼ି ପରେ ପୀଢ଼ି ହୃଦୟରେ ଛାପ ଛାଡ଼ିବାରେ ସମର୍ଥ ହେବ । ଯେତେବେଳେ ବି କାନରେ ଏହି ସ୍ୱର ପଡ଼ିବ, ମନ ଓ ହୃଦୟ ସବୁ ରୋମାଞ୍ଚିତ ହୋଇ ଉଠୁଥିବ । ବର୍ଷବର୍ଷ ଧରି ନୁହେଁ ବରଂ ଅନନ୍ତକାଳ ଯାଏଁ ଏହା ଅମର ହୋଇ ରହିବ । ଆଉ ଏଭଳି ସ୍ୱରର କେହି ଯଦି ଅଧିକାରିଣୀ ଥିଲେ ସେ ଥିଲେ ଦେଶର ସ୍ୱର ସାମ୍ରାଜ୍ଞୀ, ସୁରୋଁ କି ମଲ୍ଲିକା, ଲତା ମଙ୍ଗେସକର । ସ୍ୱର ସାଧନା ଲତାଙ୍କର ଧର୍ମ ଆଉ ସଙ୍ଗୀତ ତାଙ୍କର ଆତ୍ମା ଥିଲା । ଗୀତ ଯେକୌଣସି ଭାଷାରେ ହେଲେ ବି ସେ ବିନା ଦ୍ୱିଧାରେ ଗାଉଥିଲେ । ଲତାଙ୍କ ସ୍ୱର ସମସ୍ତଙ୍କୁ ଆକର୍ଷିତ କରିବା ପାଇଁ ଯଥେଷ୍ଟ ଥିଲା । ଗୀତର ପ୍ରତିଟି ଶବ୍ଦ, ପ୍ରତିଟି ଅକ୍ଷରକୁ ଅନୁଭବ କରିବା ଆଉ କରାଇବାର କଳା ତାଙ୍କୁ ମାତା ସରସ୍ୱତୀଙ୍କଠାରୁ ଉପହାରରେ ମିଳିଥିଲା । କିନ୍ତୁ ଏବେ ଏହି ସ୍ୱର ସାମ୍ରାଜ୍ଞୀ ସଙ୍ଗୀତ ଦୁନିଆରୁ ଦୂରକୁ ଚାଲି ଯାଇଛନ୍ତି । ବିଶ୍ୱକୁ ଭଗବାନ ଲତା ଦିଦିଙ୍କ ରୂପରେ ଉପହାର ଦେଇଥିଲେ, ଏବେ ସେହି ଲତାଙ୍କୁ ତାଙ୍କ ନିକଟକୁ ଫେରାଇ ନେଇଛନ୍ତି ।


ଲତା ମଙ୍ଗେସକର ମଧ୍ୟ ପ୍ରଦେଶର ଇନ୍‌ଦୋରରେ ୧୯୨୯ ମସିହା ସେପ୍‌ଟେମ୍ବର ୨୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ଦିନାନାଥ ମଙ୍ଗେସକର ଜଣେ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ଓ ମଞ୍ଚ କଳାକାର ଥିଲେ । ଲତା ପାଞ୍ଚ ବର୍ଷ ବୟସରୁ ତାଙ୍କ ପିତାଙ୍କ ଠାରୁ ସଙ୍ଗୀତ ଶିକ୍ଷା କରିଥିଲେ । ତାଙ୍କ ସହ ତାଙ୍କ ସାନ ଭଉଣୀ ଆଶା, ଉଷା, ମୀନା ଓ ଭାଇ ହୃଦୟନାଥ ମଧ୍ୟ ସଙ୍ଗୀତ ଶିକ୍ଷା କରୁଥିଲେ । ଲତା ମାତ୍ର ତେର ବର୍ଷର ହୋଇଥିବା ବେଳେ ତାଙ୍କ ପିତାଙ୍କର ହୃଦ୍‌ରୋଗରେ ଦେହାନ୍ତ ହୋଇଥିଲା । ପରେ ପରିବାର ଭରଣପୋଷଣ ନିମନ୍ତେ ସେ ୧୯୪୨ରୁ ସଙ୍ଗୀତ ଜୀବନ ଆରମ୍ଭ କରିଥିଲେ । ଲତା ପରିବାରର ଜ୍ୟେଷ୍ଠ ସନ୍ତାନ ଥିଲେ । ଜନ୍ମ କ୍ରମରେ ମୀନା, ଆଶା, ଉଷା, ଏବଂ ହୃଦନାଥ ଥିଲେ ତାଙ୍କ ଭାଇ , ସମସ୍ତେ ଗାୟକ ଏବଂ ସଂଗୀତଜ୍ଞ ଅଟନ୍ତି । କୁହାଯାଏ ଦିନନାଥ ଗୋଆଙ୍କ ଜନ୍ମ ସହର ସହିତ ତାଙ୍କ ପରିବାରକୁ ଚିହ୍ନିବା ପାଇଁ ସେମାନେ ମଙ୍ଗେଶକର ଉପନାମ ଗ୍ରହଣ କରିଥିଲେ । ତାଙ୍କ ଜନ୍ମ ସମୟରେ ଲତାଙ୍କ ନାମ 'ହେମା' ରଖାଯାଇଥିଲା । ପରେ ତାଙ୍କ ପିତାମାତା ତାଙ୍କ ପିତାଙ୍କ ଏକ ନାଟକରେ ଏକ ମହିଳା ଚରିତ୍ର ଲାଟିକା ପରେ ତାଙ୍କ ନାଁ ଲତା ନାମକରଣ କରିଥିଲେ ।

ଧର୍ମ ପରାୟଣା ଲତା ମଙ୍ଗେସକର ଆଜୀବନ ଅବିବାହିତ ରହିଥିଲେ । ଏକ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଲତା ମଙ୍ଗେସକର କାହାକୁ ବିବାହ ନକରିବା ନିଷ୍ପତ୍ତି ପଛରେ ଦୁଇଟି ମୁଖ୍ୟ କାରଣ ଥିଲା । ପ୍ରଥମଟି ସେ ପିଲାଦିନରୁ ନିଜ ପିତାଙ୍କ ଦେହାନ୍ତ ପରେ ଭାଇଭଉଣୀଙ୍କ ଦାୟିତ୍ୱ ତାଙ୍କ ଉପରେ ଆସିଯାଇଥିଲା । କାରଣ ସେ ଥିଲେ ଘରର ବଡ଼ ଝିଅ । ସେ ଜ୍ୟେଷ୍ଠର କର୍ତ୍ତବ୍ୟ ପାଳନରେ ନିଜ ଭାଇଭଉଣୀଙ୍କ ଯତ୍ନ ନେବା ବିବାହ କରିବାକୁ ମନା କରିଦେଇଥିଲେ । ଦ୍ୱିତୀୟତଃ ବହୁ ଦଶନ୍ଧି ପରେ ଯେତେବେଳେ ଲତା ମଙ୍ଗେସକର ବିବାହ କରିବାକୁ ଚିନ୍ତା କରିଥିଲେ, ସେତେବେଳେ ଭାଗ୍ୟ ତାଙ୍କୁ ସମର୍ଥନ କଲା ନାହିଁ । ରିପୋର୍ଟ ଅନୁଯାୟୀ, କ୍ରିକେଟର ତଥା କ୍ରିକେଟ୍ ବୋର୍ଡ ଅଫ୍ ଇଣ୍ଡିଆ (ବିସିସିଆଇ)ର ସଭାପତି ରାଜ ସିଂ ଲତାଙ୍କ ଭାଇ ହୃଦୟନାଥ ମଙ୍ଗେଶକରଙ୍କ ଘନିଷ୍ଠ ବନ୍ଧୁ ଥିଲେ । ରାଜ ସିଂ ରାଜସ୍ଥାନର ରାଜ ପରିବାରର ଥିଲେ ଏବଂ ଡୁଙ୍ଗରପୁରର ତତ୍କାଳୀନ ରାଜା ମହାରାୱାଲ ଲକ୍ଷ୍ମଣ ସିଂହଜୀଙ୍କ ସାନପୁଅ ଥିଲେ । ଉଭୟ ହୃଦୟନାଥ ମଙ୍ଗେସକର ଏବଂ ରାଜ ସିଂ (ଡୁଙ୍ଗରପୁର ) ବହୁତ ଭଲ ବନ୍ଧୁ ଥିବାରୁ ସେମାନଙ୍କର ଅଧିକାଂଶ ସମୟ ହୃଦୟନାଥଙ୍କ ଘରେ କଟୁଥିଲା । ଏହି ସମୟରେ ରାଜ ସିଂ ତାଙ୍କ ବନ୍ଧୁଙ୍କ ବଡ ଭଉଣୀ ତଥା ଲତା ମଙ୍ଗେସକରଙ୍କ ସହ କଥା ହେବା ଆରମ୍ଭ ହେବାରୁ ଉଭୟଙ୍କ ମଧ୍ୟରେ ଧୀରେ ଧୀରେ ପ୍ରେମ ସମ୍ପର୍କରେ ଆସିଯାଇଥିଲା । ରାଜ ସିଂ, ଲତା ମଙ୍ଗେଶକରଙ୍କୁ ସ୍ନେହରେ ମିଠୁ ବୋଲି ଡ଼ାକୁଥିଲେ । ଉଭୟ ଲତା ମଙ୍ଗେଶକର ଏବଂ ରାଜ ସିଂ ବିବାହ କରିବାକୁ ଯୋଜନା କରିଥିଲେ । କିନ୍ତୁ ଯେତେବେଳେ ରାଜ ସିଂ ତାଙ୍କ ପିତାମାତାଙ୍କୁ ଏହା କହିଥିଲେ ସେତେବେଳେ ତାଙ୍କ ପିତା ମହାରାୱାଲ ଲକ୍ଷ୍ମଣ ସିଂହଜୀ ଏହି ବିବାହକୁ ସ୍ୱୀକୃତି ଦେଇନଥିଲେ । ଏହା ପଛର କାରଣ ଥିଲା ଲତା ରାଜ ପରିବାରର ନଥିଲେ । ମହାରାୱାଲ ଲକ୍ଷ୍ମଣ ସିଂହଜୀଙ୍କ ନିଷ୍ପତ୍ତି ରାଜ ସିଂ ଡୁଙ୍ଗରପୁର ଏବଂ ଲତା ମଙ୍ଗେଶକରଙ୍କ ସ୍ୱପ୍ନକୁ ଗୋଟିଏ ଝଟକାରେ ଭାଙ୍ଗି ଦେଇଥିଲା । ରାଜ ସିଂ ତାଙ୍କ ପିତାଙ୍କ ସମ୍ମାନାର୍ଥେ ତାଙ୍କ ନିଷ୍ପତ୍ତି ଗ୍ରହଣ କରିଥିଲେ କିନ୍ତୁ ସେ ଆଜୀବନ ବିବାହ ନକରିବା ପାଇଁ ନିଷ୍ପତ୍ତି ନେଇଥିଲେ । ରାଜ ସିଂଙ୍କ ନିଷ୍ପତ୍ତି ପରି ଜୀବନବ୍ୟାପୀ ବିବାହ ନକରିବାକୁ ଲତା ମଙ୍ଗେସକର ମଧ୍ୟ ନିଷ୍ପତ୍ତି ନେଇଥିଲେ । ଯଦିଓ ଦୁହେଁ ଆଜୀବନ ପାଇଁ ଭଲ ବନ୍ଧୁ ରହିଥିଲେ । ବନ୍ଧୁ ଭାବେ ଲତା ବିବିସିଆଇକୁ ସଂକଟରୁ ଉଦ୍ଧାର କରିଥିଲେ । ଜଣେ ଉଦାର, ପରୋପକାରୀ, କୋମଳ ହୃଦୟର, ଜାତୀୟ ପ୍ରେରଣାର ଉତ୍ସ ଥିଲେ ଲତା ମଙ୍ଗେସକର । ଲତା ମଙ୍ଗେସକର ବିବାହ ନ କରି ସେ ସ୍ୱର ସାମାଜ୍ଞୀ ପାଲଟି ଯାଇଥିଲେ । ସମଗ୍ର ସଂଗୀତ ପ୍ରେମୀଙ୍କ ହୃଦୟରେ ସେ ସାମାଜ୍ଞୀ ସାଜିଥିଲେ । ପ୍ରାୟ ଆଠ ଦଶକ ଧରି ସଙ୍ଗୀତ ସହ ତାଙ୍କର ସମ୍ପର୍କ ଥିଲା । ଲତା ମଙ୍ଗେସକର ୩୦ରୁ ଅଧିକ ଭାଷାରେ ହଜାରେରୁ ଅଧିକ ଫିଲ୍ମରେ କଣ୍ଠଦାନ କରିଛନ୍ତି । ୧୯୪୨ରୁ ୧୯୪୮ ମଧ୍ୟରେ ପାଖାପାଖି ଆଠୋଟି ହିନ୍ଦୀ ଓ ମରାଠୀ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ । ୧୯୪୨ ମସିହାରେ ମରାଠୀ ଚଳଚ୍ଚିତ୍ର 'କିଟି ହାସଲ'ରୁ ସେ ଗାୟିକା ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ସେ ସଂଗୀତରୁ ଅବ୍ୟାହତି ନେଇନଥିଲେ । ସୁର ସାମ୍ରାଜ୍ଞୀ ଲତା ଲତା ମଙ୍ଗେସକର ଷାଠିଏରୁ ଅଧିକ ଭାରତୀୟ ଭାଷା ଏବଂ କିଛି ବିଦେଶୀ ଭାଷାରେ ଗୀତ ରେକର୍ଡ କରିଥିଲେ । ଯଦିଓ ମୁଖ୍ୟତଃ ହିନ୍ଦୀ ଏବଂ ମରାଠୀରେ ସେ ତାଙ୍କ କ୍ୟାରିଅରରେ ଅନେକ ପ୍ରଶଂସା ଏବଂ ସମ୍ମାନ ଗ୍ରହଣ କରିଥିଲେ । ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କର ' ଚୁନା ଚୁନା ତାରା ଫୁଲ ଓ ଶ୍ରାବଣୀ କଣ୍ଠଦାନ ଅବିସ୍ମରଣୀୟ । ୧୯୮୭ ରେ ତାଙ୍କୁ ଦାଦାସାହେବ ଫାଲକେ ପୁରସ୍କାର ଭାରତ ସରକାର ପ୍ରଦାନ କରାଯାଇଥିଲା । ୨୦୦୧ ରେ, ଜାତି ପ୍ରତି ତାଙ୍କର ଅବଦାନକୁ ସମ୍ମାନ ଜଣାଇ ତାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଥିଲା ଏବଂ ଏହି ସମ୍ମାନ ପାଇବାରେ ଏମ ୨୦୦୭ ରେ ଫ୍ରାନ୍ସ ତାଙ୍କୁ ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ କରିଥିଲା । ସେ ତିନୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ୧୫ ଟି ବଙ୍ଗଳା ଚଳଚ୍ଚିତ୍ର ସାମ୍ବାଦିକ ସଂଘ ଆସୋସିଏସନ୍ ପୁରସ୍କାର, ଚାରିଟି ଫିଲ୍ମଫେୟାର ଶ୍ରେଷ୍ଠ ମହିଳା ପ୍ଲେବ୍ୟାକ୍ ପୁରସ୍କାର, ଦୁଇଟି ଫିଲ୍ମ ଫେୟାର ସ୍ୱତନ୍ତ୍ର ପୁରସ୍କାର, ଫିଲ୍ମଫେୟାର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ଏବଂ ଅନ୍ୟାନ୍ୟ ପୁରସ୍କାର ପାଇଥିଲେ । ୧୯୭୪ ରେ, ସେ ଲଣ୍ଡନର ରୟାଲ ଆଲବର୍ଟ ହଲରେ ଅଭିନୟ କରିଥିବା ପ୍ରଥମ ଭାରତୀୟ ହୋଇଥିଲେ । ସୁର ସାମାଜ୍ଞୀ ଲତା ମଙ୍ଗେସକର ବହୁ ସମ୍ମାନରେ ସମ୍ମାନିତ ।ଭାରତୀୟ ଗାୟକ ଏବଂ ସଂଗୀତ ଦୁନିଆଁରେ ସେ ଥିଲେ ଏକାନ୍ତ ଚକ୍ରବର୍ତ୍ତୀ ସାମାଜ୍ଞୀ । ସେ ଭାରତର ସର୍ବଶ୍ରେଷ୍ଠ ତଥା ପ୍ରଭାବଶାଳୀ ଗାୟକମାନଙ୍କ ମଧ୍ୟରୁ ଜଣେ ଭାବରେ ବିବେଚିତ ହୋଇଥିଲେ । ସାତ ଦଶନ୍ଧି ଧରି କ୍ୟାରିଅରରେ ଭାରତୀୟ ସଙ୍ଗୀତ ଶିଳ୍ପରେ ତାଙ୍କର ଅବଦାନ ତାଙ୍କର ନାଇଟିଙ୍ଗଲେ ଅଫ୍ ଇଣ୍ଡିଆ ଏବଂ ରାଣୀ ଅଫ୍ ମେଲୋଡି ଭଳି ସମ୍ମାନଜନକ ଆଖ୍ୟା ଅର୍ଜନ କରିଥିଲା । ୧୯୫୮ - ପ୍ରଥମ ଫିଲ୍ମ ଫେୟାର୍ ଆୱାର୍ଡ, ୧୯୬୯ - ପଦ୍ମ ଭୂଷଣ, ୧୯୬୯ - ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା , ୧୯୮୯ - ଦାଦା ସାହେବ୍ ଫାଲକେ ପୁରସ୍କାର , ୧୯୯୩ - ଜୀବନ ବ୍ୟାପି ସାଧନା ପୁରସ୍କାର , ୧୯୯୭ - ମହାରାଷ୍ଟ୍ର ଭୂଷଣ ପୁରସ୍କାର, ୧୯୯୯ - ପଦ୍ମ ବିଭୂଷଣ, ୨୦୦୧ - ଭାରତ ରତ୍ନ, ୨୦୦୯ - ୩ଟି ଜାତୀୟ ଚଳଚ୍ଚିତ୍ର ସମ୍ମାନ, ୨୦୧୧ - ଗିନିଜ୍ ବୁକ୍ ଅଫ୍ ୱାଲର୍ଡ୍ ରେକର୍ଡରେ ସ୍ଥାନିତ ହୋଇଅଛି ।

ଲତା ମଙ୍ଗସେକର ଯେବେଠାରୁ ନିଜର ସ୍ୱର ଓ କଣ୍ଠ ବଳରେ ଦୁନିଆରେ ଉଜ୍ଜ୍ୱଳତାରେ ଭରି ଯାଇଛନ୍ତି, ସେବେଠାରୁ ପ୍ରତ୍ୟେକଟି ଦିନ ସ୍ମରଣୀୟ ରହିଛି । ସବୁଦିନ ତାଙ୍କ ସ୍ୱର ଉଲ୍ଲସିତ କରିଛି । ବର୍ଷବର୍ଷ ଧରି ତାଙ୍କର ପ୍ରତ୍ୟେକଟି ଗୀତ ମୋଗଲ-ଇ-ଆଜମରେ ଲତାଙ୍କ ଗୀତ 'ପ୍ୟାର କିୟା ଟୁ ଡର୍ନା କାୟା', 'ବିଟି ନା ବିଟାଇ' , ଦୋସ୍ତାନାରେ "କିଟନା ଆସାନ୍ ହ ", 'ମେରେ ନାସିବ ମେନ୍', କ୍ରାନ୍ତିରେ 'ଜିନ୍ଦାଗି କି ନା ଟୁଟେ' , ଏକ ଡୁଜେ କେ ଲିୟେରେ 'ସୋଲା ବାରାସ କି', ପ୍ରେମ୍ ରୋଗରେ 'ୟେ ଗାଲିଆନ୍ ୟେଚ୍ ବାରା', ଆରପାନରେ 'ଲିଖନେୱାଲ୍ ନେ ଲିଖ୍ ଡାଲ୍', ଅବତାରରେ 'ଦିନ୍ ମହେନ୍ ସାଲ୍' , 'ପ୍ୟାର୍ କର୍ନ ?ୱାଲ୍' ଏବଂ 'ନିନ୍ଦିଆ ସେ ଜାଗି' , ରାମ ଅବତାରରେ 'ଅଙ୍ଗଲି ମେନ୍ ଅଙ୍ଗୋଟି' , ରାମ ଲାଖାନରେ 'ହେ ରାମଜୀ ତେରେ ଲାଖାନ୍ ନେ', 'ଆଜା ସର-ଇ-ବଜାର', ଫିର ୱ ?ହି ରାଟରେ 'ବିନ୍ଦିଆ ତରାସେ', ସୀତାରାରେ 'ଥୋଡି ସି ଜାମିନ୍' , ରକିରେ 'କାୟା ୟାହି ପ୍ୟାର ହ ସ' ଲଭ୍ ଷ୍ଟୋରୀରେ 'ଡେକୋ ମେନ୍ ଦେଖା', କୁଡ୍ରାଟରେ 'ଟ୍ୟୁନ୍ ହେ ରେଙ୍ଗିଲ୍', ଶକ୍ତିରେ 'ଜାନେ କେଏସ୍ କାବ' , 'ଜବ୍ ହମ୍' ବେଟାବରେ ଜବାନ୍ ହୋଙ୍ଗେ , ଅଗର ତୁମ୍ ନା ହୋଟ୍ ରେ 'ହୁମେନ୍ ଆରୁ ଜୀନ୍', ସାଗରରେ 'ସାଗର କିନାରେ' ଆଦି ସବୁରି କାନରେ ଗୁଞ୍ଜରିତ ହେଉଥିବ । କିନ୍ତୁ ଅବଶୋଷ ଏତିକି ଏଦେଶ ଜଣେ ରତ୍ନକୁ ହରାଇଛି, ଯାହାକୁ କୋଟିକୋଟି ଟଙ୍କା ବା ରତ୍ନର ଭଣ୍ଡାର ଅଜାଡ଼ିଲେ ମଧ୍ୟ ଆଉ ଥରେ ପାଇ ହେବନାହିଁ । କେବଳ ସେ ଯେଉଁ ଗୀତସବୁ ଛାଡ଼ି ଯାଇଛନ୍ତି, ସେସବୁ ହିଁ ତାଙ୍କର ପ୍ରକୃତ ଉତ୍ତରାଧିକାରୀ ହୋଇ ରହିବେ । ଯାହା ଶତାବ୍ଦୀ ଶତାବ୍ଦୀ ଧରି ସଙ୍ଗୀତକାରମାନଙ୍କ ଧାଡ଼ିରେ ତାଙ୍କୁ ସବୁଠୁ ଆଗରେ ରଖିଥିବ...!!!

# ଜାଣନ୍ତୁ ମାଘି ପୂର୍ଣ୍ଣିମାର ମହତ୍ତ୍ୱ





ମାଘି ପୂର୍ଣ୍ଣିମା ଅର୍ଥାତ୍ ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ, ମାଘ ମାସରେ ପଡିବାକୁ ଥିବା ଏହି ପୂର୍ଣ୍ଣିମା ଚଳିତ ବର୍ଷ ଫେବୃଆରୀ ୧୬ ବୁଧବାର ଦିନ ପଡିବ । ପୁରାଣରେ କୁହାଯାଇଛି ଯେ ଭଗବାନ ବିଷ୍ଣୁ ମାଘି ପୂର୍ଣ୍ଣିମାରେ ଗଙ୍ଗା ଜଳରେ ନିବାସ କରନ୍ତି । ବିଶ୍ୱାସ କରାଯାଏ ଯେ ଏହି ଦିନ ଚନ୍ଦ୍ର ନିଜର ଷୋହଳ କଳାରେ ସୌଭାଗ୍ୟମାନ ହୋଇ ଅମୃତ ବର୍ଷା କରିଥାନ୍ତି । ଏହାର ଅଂଶ ଗଛ, ନଦୀ, ଜଳାଶୟ ଏବଂ ଉଦ୍ଭିଦଗୁଡିକରେ ମିଳିଥାଏ, ଏଥିପାଇଁ ଏଥିରେ ସବୁ ରୋଗରୁ ମୁକ୍ତି ମିଳିବାର ଗୁଣ ଉତ୍ପନ୍ନ ହୋଇଥାଏ । ବୈଦିକ ଜ୍ୟୋତିଷ ଅନୁଯାୟୀ, ମାଘ ପୂର୍ଣ୍ଣିମାରେ ସ୍ନାନ, ଦାନ କରିବା ଦ୍ୱାରା ସୂର୍ଯ୍ୟ ଏବଂ ଚନ୍ଦ୍ରମା ଯୁକ୍ତ ଦୋଷରୁ ମୁକ୍ତି ମିଳିଥାଏ । ତେଣୁ, ଏହି ଦିନ ଗଙ୍ଗା ନଦୀରେ ସ୍ନାନ କରିବା ଉଚିତ୍, ଯଦି ଏହା ସମ୍ଭବ ହେଉନାହିଁ, ତେବେ ଘର ପାଣିରେ ଗଙ୍ଗାଜଳ ମିଶାଇ ଗାଧୋଇବା ଉଚିତ୍ ।ଏହା ବ୍ୟତୀତ ଗଙ୍ଗାଜଳ ପିଇବା ଅର୍ଥାତ୍ ହାତ ପାପୁଲିରେ ଟିକେ ଗଙ୍ଗାଜଳ ନେଇ ପାନ କରିବା ଦ୍ୱାରା ପୁର୍ଣ୍ୟ ମିଳିଥାଏ । ମାଘି ପୂର୍ଣ୍ଣିମାରେ ଭଗବାନ ବିଷ୍ଣୁଙ୍କୁ ପୂଜାପାଠ କରି ଉପବାସ କରିବା ଉଚିତ୍ ।ଏହା କରିବା ଦ୍ୱାରା ସମସ୍ତ ପ୍ରକାରର ପାପ ଦୂର ହୋଇଥାଏ ।

ବିଶ୍ୱାସ କରାଯାଏ ଯେ ମାଘି ପୂର୍ଣ୍ଣିମାରେ ଦେବତାମାନେ ମଧ୍ୟ ସେମାନଙ୍କର ରୂପ ପରିବର୍ତ୍ତନ କରି ଗଙ୍ଗାରେ ସ୍ନାନ କରିବା ପାଇଁ ଆସିଥାନ୍ତି । ତେଣୁ, ଏହି ତିଥିର ବିଶେଷ ମହତ୍ତ୍ୱ ଧାର୍ମିକ ଗ୍ରନ୍ଥରେ କୁହାଯାଇଛି ।ଯେଉଁ ଭକ୍ତମାନେ ତିର୍ଥରାଜ ପ୍ରାର୍ଥନାରେ ଏକ ମାସ ପାଇଁ କଳ୍ପବାସ କରନ୍ତି ।ସେମାନଙ୍କର ଉପବାସ ମାଘି ପୂର୍ଣ୍ଣିମାରେ ଶେଷ ହୋଇଥାଏ । ମାଘି ପୂର୍ଣ୍ଣିମାରେ ସମସ୍ତ କଳ୍ପବାସି ମାତା ଗଙ୍ଗାର ଆରତୀ ପୂଜା କରି ସାଧୁ ସନ୍ୟାସି ଏବଂ ବ୍ରାହ୍ମଣମାନଙ୍କୁ ଭୋଜନ ପ୍ରଦାନ କରିଥାନ୍ତି ।ଅବଶିଷ୍ଟ ସାମଗ୍ରୀକୁ ଦାନ କରିବା ପରେ ଦେବୀ ଗଙ୍ଗା ତାଙ୍କୁ ପୁନର୍ବାର ଡାକିବାକୁ ଅନୁରୋଧ କରି ତାଙ୍କ ଘରକୁ ଫେରି ଯାଆନ୍ତି ।କୁହାଯାଏ ଯେ ମାଘି ପୂର୍ଣ୍ଣିମାରେ ବ୍ରହ୍ମ ମୁହୂର୍ତ୍ତ ସମୟରେ ନଦୀରେ ଗାଧୋଇବା ଦ୍ୱାରା ରୋଗ ଦୂର ହୋଇଥାଏ। ଏହି ଦିନ ରାଶି ତେଲ ମଞ୍ଜି ଏବଂ କମ୍ବଳ ଦାନ କରିବା ଦ୍ୱାରା ନର୍କଲୋକରୁ ମୁକ୍ତି ମିଳିଥାଏ ।

ଏଥିପାଇଁ ମାଘି ପୂର୍ଣ୍ଣିମା ସକାଳେ ସ୍ନାନ କରିବା ପରେ ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତୁ ।ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ପରେ ଖାଦ୍ୟ, ପୋଷାକ, ରାଶି ତେଲ ମଞ୍ଜି, କମ୍ବଳ, ଗୁଡ,ଘିଅ, ଫଳ, ଅନ୍ନ ଇତ୍ୟାଦି ବ୍ରାହ୍ମଣମାନଙ୍କୁ ଦାନ କରନ୍ତୁ ।ଏହି ଦିନ ଗୋ ଦାନ କରିବା ଦ୍ୱାରା ବିଶେଷ ଫଳ ମିଳିଥାଏ । ଏହି ଦିନ, ସମୟପୂର୍ବକ ଆଚରଣ କରି ଉପବାସ ପାଳନ କରନ୍ତୁ ।ଦିନସାରା କିଛି ଖାଆନ୍ତୁ ନାହିଁ ।ଯଦି ଏହା ସମ୍ଭବ ନୁହେଁ, ଆପଣ ଏକ ସମୟରେ ଫଳ ସେବନ କରି ପାଇପାରିବେ ।ଏହି ଦିନ ଉଚ୍ଚ ସ୍ୱରରେ କହିବା କିମ୍ବା କାହା ଉପରେ ରାଗିବା ଉଚିତ୍ ନୁହେଁ। ଏହି ସମୟରେ ଘରର କଳହକୁ ଏଡାଇବା ଉଚିତ୍ । ଗରିବ ଏବଂ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଉଚିତ୍ । ଏହାସହ ବିଶେଷ ଯତ୍ନ ନିଅନ୍ତୁ ଯେ ଆପଣଙ୍କ ଦ୍ୱାରା କିମ୍ବା ଆପଣଙ୍କ ମନ, ବଚନ କିମ୍ବା କାର୍ଯ୍ୟ ଦ୍ୱାରା କେହି ଯେପରି ଅପମାନିତ ନ ହୁଅନ୍ତି । ଏହିପରି, ସମୟପୂର୍ବକ ଉପବାସ କରିବା ଦ୍ୱାରା ପୁର୍ଣ୍ୟ ଫଳ ପ୍ରାପ୍ତ ହୋଇଥାଏ ।

# ସାଂସଦ ଓ ବିଧାୟକଙ୍କ ଅପରାଧିକ ମାମଲାର ଶୁଣାଣି କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ସାଂସଦ ଓ ବିଧାୟକଙ୍କ ବିରୋଧରେ ଦାୟର ହୋଇଥିବା ଅପରାଧିକ ମାମଲାଗୁଡ଼ିକର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି । ଗତ ୨୦୨୧ ମସିହା ଡିସେମ୍ବର ମାସ ୧ ତାରିଖ ସୁଦ୍ଧା ସାଂସଦ ଓ ବିଧାୟକଙ୍କ ବିରୋଧରେ ମୋଟ ୪୯୮୪ଟି ଅପରାଧିକ ମାମଲା ବିଚାରାଧୀନ ରହିଥିଲା । ରାଜନେତାଙ୍କ ବିରୋଧରେ ଆଗତ ମାମଲାର ଯାଞ୍ଚ ସିବିଆଇ ଓ ଅନ୍ୟ ଏଜେନ୍ସି ଦ୍ୱାରା କରାଇବାକୁ ଆବେଦନକାରୀ ଉଲ୍ଲେଖ କରିଥିଲେ ।

ସାଂସଦ ଓ ବିଧାୟକଙ୍କ ବିରୋଧରେ ଏତେସଂଖ୍ୟକ କ୍ରିମିନାଲ କେସ୍ ରହିଥିବା ଗତ ୪ ତାରିଖରେ ଆମିକସ କ୍ୟୁରି ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିଥିଲେ । ଓଡ଼ିଶାର ସାଂସଦ ଓ ବିଧାୟକଙ୍କ ନାମରେ ୩୬୦ଟି ମାମଲା ରହିଥିବା ରିପୋର୍ଟରୁ ଜଣାପଡ଼ିଛି । ଏଥିରେ ଅନେକ ପୂର୍ବତନ ଓ ବର୍ତ୍ତମାନର ଏମପି ଓ ଏମଏଲଏଙ୍କ ନାମ ରହିଛି । ଏହି ମାମଲାଗୁଡ଼ିକର ତ୍ୱରିତ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଆମିକସ କ୍ୟୁରି କହିଛନ୍ତି । ତେବେ ଅତୀତରେ ଏକାଧିକ ରାଜନେତା ବିଭିନ୍ନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡାଦେଶ ଭୋଗିଛନ୍ତି । ତେଣୁ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିବା ପରେ କିଛି ରାଜନେତା ଦୋଷୀ ସାବ୍ୟସ୍ତ ହେବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ ।

# ବିଜେପିରେ ମିଶିଲେ ଦି ଗ୍ରେଟ୍ ଖଲି




ନୂଆଦିଲ୍ଲୀ : ବିଜେପିରେ ମିଶିଲେ ରେସଲର ଦି ଗ୍ରେଟ୍ ଖଲି । ଦିଲ୍ଲୀ ସ୍ଥିତ ବିଜେପି କାର୍ଯ୍ୟାଳୟରେ ରେସଲର୍ ଖଲି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କର ପ୍ରକୃତ ନାମ ହେଉଛି ଦଲିପ ସିଂ ରାଣା । ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଭିତରେ ଗ୍ରେଟ୍ ଖଲିଙ୍କ ବିଜେପିରେ ଏଣ୍ଟ୍ରି ବିଜେପି ପାଇଁ ଲାଭଦାୟକ ହୋଇପାରେ ବୋଲି ଆଶା କରାଯାଇଛି । ବିଜେପିରେ ଯୋଗଦେବା ପରେ ଖଲି କହିଛନ୍ତି ଯେ, ବିଜେପିରେ ଯୋଗ ଦେଇ ଖୁସି ଅନୁଭବ କରୁଛି । ଦେଶ ପାଇଁ ପ୍ରଧାନମନ୍ତ୍ରୀଙ୍କ କାମ ପ୍ରଶଂସନୀୟ । ତେଣୁ ଦେଶର ଏହି ସଫଳତାରେ ନିଜର ଯୋଗଦାନ ଦେବାକୁ ଚିନ୍ତା କଲି । ପ୍ରଧାନମନ୍ତ୍ରୀ ମୋଦି ଏବଂ ବିଜେପିର ବିଚାରଧାରା ଦ୍ୱାରା ସେ ପ୍ରଭାବିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି ବୋଲି ଖଲି କହିଛନ୍ତି ।ସୂଚନା ଥାଉକି, ଗତ ବର୍ଷ ଖଲି ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବଙ୍କୁ ମଧ୍ୟ ଭେଟିଥିଲେ ଏହା ପରେ ରାଜନୈତିକ କଳ୍ପନାଜଳ୍ପନାର ଆରମ୍ଭ ହୋଇଥିଲା। ଏବେ ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇ ସେ ବିଜେପିରେ ସାମିଲ ହୋଇଛନ୍ତି ।

# ଗଞ୍ଜେଇ ଚୋରାଚାଲାଣ ବିରୋଧରେ ଆନ୍ଧ୍ର ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ



ବିଶାଖାପାଟଣା: ଆନ୍ଧ୍ରପ୍ରଦେଶ ପୋଲିସ ଦ୍ୱାରା ନଷ୍ଟ କରାଯାଇଛି ୫୦୦ କୋଟିର ଗଞ୍ଜେଇ । ଏହି ଗଞ୍ଜେଇ ନଷ୍ଟ ଅପରେସନକୁ ସବୁଠୁ ବଡ ଅପରେସନ ବୋଲି କୁହାଯାଉଛି ଏବଂ ଏହାକୁ ସବୁଠୁ ବଡ ଗଞ୍ଜେଇ ନଷ୍ଟ ବୋଲି ମଧ୍ୟ କୁହାଯାଉଛି । ଆନ୍ଧ୍ରପ୍ରଦେଶ ପୋଲିସ ଶନିବାର ଦେଇଥିବା ସୂଚନା ଅନୁଯାୟୀ ଗତ ମାସରେ ରାଜ୍ୟରେ ପୋଲିସ ଦ୍ୱାରା ରେଡରେ ଧରାଯାଇଥିବା ୫୦୦ କୋଟି ଟଙ୍କାର ଗଞ୍ଜେଇ ନଷ୍ଟ କରାଯାଇଛି । ପ୍ରାୟ ୨ ଲକ୍ଷ କିଲୋଗ୍ରାମର ଗଞ୍ଜେଇ ନଷ୍ଟ କରାଯାଇଛି । ସୂଚନା ଅନୁଯାୟୀ, ବିଶାଖାପାଟଣା ଅନକପଲ୍ଲୀର କୋଡୁର ଗ୍ରାମରେ ଏହି ଗଞ୍ଜେଇ ନଷ୍ଟ କରାଯାଇଛି ।

ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଆନ୍ଧ୍ର ପୋଲିସ ଗତ ବର୍ଷ ୧ ନଭେମ୍ବରରୁ ଚଳିତ ବର୍ଷ ୮ ଫେବୃଆରୀ ମଧ୍ୟରେ 'ଅପରେସନ ପରିବର୍ତ୍ତନ' ରେ ବିଭିନ୍ନ ସ୍ଥାନରେ ରେଡ୍ କରି ଗଞ୍ଜେଇ ଜବତ କରିଥିଲେ । ଅପରେସନ ପରିବର୍ତ୍ତନରେ ଆନ୍ଧ୍ରପ୍ରଦେଶ ପୋଲିସ ବିଶାଖାପାଟଣାରେ ୩୧୩ ଟି ଗ୍ରାମରୁ ୭,୫୫୨ ଏକର ଭୂମିରେ ୯,୨୫୧ କୋଟି ଟଙ୍କା ଗଞ୍ଜେଇ ମଧ୍ୟ ନଷ୍ଟ କରିଛନ୍ତି । ରାଜ୍ୟରେ ଗଞ୍ଜେଇ ଚାଲାଣକୁ ରୋକିବା ପାଇଁ ଆନ୍ଧ୍ର ପୋଲିସ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗଞ୍ଜେଇ ଚୋରା ଚାଲାଣକୁ ରୋକିବା ପାଇଁ ଆନ୍ଧ୍ର ପୋଲିସ ଅନ୍ୟ ରାଜ୍ୟର ପୋଲିସ ମାନଙ୍କ ସହ ସମନ୍ୱୟରେ ରହିଛି । ୨୦୨୧ ରେ ଆନ୍ଧ୍ର ପୋଲିସ ୧୬ ରାଜ୍ୟର ୪,୬୦୬ ଲୋକଙ୍କୁ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଗିରଫ କରାଯାଇଛି ।

# ଦୁଇ ଦିନିଆ ପୁରୀ ଗସ୍ତରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ



ନୂଆଦିଲ୍ଲୀ: ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ । ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ପୁରୀ ଗସ୍ତ ନେଇ ସୂଚୀ ପ୍ରକାଶ ପାଇଛି । ରାଷ୍ଟ୍ରପତି ଫେବୃଆରୀ ୧୯ ତାରିଖ ଅପରାହ୍ଣ ୨ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବେ। ପୁରୀରେ ଅପରାହ୍ଣ ୩ଟା ୩୫ରେ ପହଞ୍ଚିବେ। ସେଠାରୁ ସେ ସିଧାସଳଖ ଏକ ହୋଟେଲ୍କୁ ଯିବେ। ଅପରାହ୍ଣ ୫ଟାରେ ସେ ପୁରୀ ଶ୍ରୀମନ୍ଦିର ଆସି ଶ୍ରୀଜିଉଙ୍କ ଦର୍ଶନ କରିବେ। ସେ ଶ୍ରୀମନ୍ଦିରରେ ୪୫ ମିନିଟ୍ ରହିବେ। ୨୦ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶ୍ରୀ ଚୈତନ୍ୟ ଗୌଡ଼ିୟ ମଠ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

**ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନୂଆ ଗାଇଡଲାଇନ୍**

# ଏଣିକି ବିଦେଶ ଫେରନ୍ତାଙ୍କ ପାଇଁ ୧୪ ଦିନିଆ କ୍ୱାରେଣ୍ଟାଇନ୍




ନୂଆଦିଲ୍ଲୀ: କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନୂଆ ଗାଇଡଲାଇନ୍ ଜାରି କରାଯାଇଛି । ଏଣିକି ବିଦେଶ ଫେରନ୍ତା ଯାତ୍ରୀମାନଙ୍କୁ ୧୪ ଦିନ ପାଇଁ କ୍ୱାରେଣ୍ଟାଇନରେ ରହିବାକୁ ପଡିବ । ଆସନ୍ତା ୧୪ ତାରିଖରୁ ଏହି ନୂଆ ନିୟମ ଲାଗୁ ହେବାକୁ ଯାଉଛି । ପୂର୍ବରୁ ଯାତ୍ରୀଙ୍କ ପାଇଁ ୭ ଦିନିଆ କ୍ୱାରେଣ୍ଟାଇନ ନିୟମ ରହିଥିବା ବେଳେ ତାହା ଏବେ ହଟାଯାଇଛି । କୋଭିଡ-୧୯ ଲକ୍ଷଣ ଦେଖାଦେବା ମାତ୍ରେ ଯାତ୍ରୀମାନେ ନିଜକୁ ଆଇସୋଲେଟ୍ କରିବାକୁ ପଡିବ ।

ଗାଇଡଲାଇନରେ କୁହାଯାଇଛି ଯେ, ୮୨ଟି ଦେଶର ଯାତ୍ରୀଙ୍କୁ ବୋର୍ଡିଂର ୭୨ ଘଣ୍ଟା ପୂର୍ବରୁ ଆରଟି-ପିସିଆର ରିପୋର୍ଟ ବଦଳରେ ଟିକାକରଣ ପ୍ରମାଣପତ୍ର ଅପଲୋଡ୍ କରିବାକୁ ମିଳିବ । ଭାରତ ଉକ୍ତ ୮୨ଟି ଦେଶ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି । ସୂଚନାଯୋଗ୍ୟ ଯେ, ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୪୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୭,୦୮୪ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।

# ମାଓ ଆକ୍ରମଣ: ସିଆରପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସହିଦ



ବିଜାପୁର: ଛତିଶଗଡରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ହୋଇଛି ଗୁଳି ବିନିମୟ । ବିଜାପୁର ବାସାଗୁଡାରେ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ଏହି ଗୁଳି ବିନିମୟ ହୋଇଥିବା ଜଣାପଡିଛି । ଏଥିରେ ସିଆରପିଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସହିଦ୍ ହୋଇଥିବା ଜଣାପଡିଛି । ଗୁଳିକାଣ୍ଡରେ ଆଉ ଜଣେ ଯବାନ ଗୁରୁତର ହୋଇଥିବା ଜଣାପଡିଛି ।

ଗତ ସପ୍ତାହରେ ଛତିଶଗଡର ସୁକମାରେ ସୁରକ୍ଷାକର୍ମୀ ଓ ମାଓମାଦୀଙ୍କ ମଧ୍ୟରେ ମଡ ଧରଣର ଗୁଳି ବିନିମୟ ହୋଇଥିଲା । ସୁରକ୍ଷାବଳଙ୍କ ଏନକାଉଣ୍ଟରେ ଜଣେ ମାଓବାଦୀ ନିହତ ହୋଇଥିଲା । ତେବେ ଛତିଶଗଡରେ ମାଓବାଦୀଙ୍କ ଆତଙ୍କ ଦିନକୁ ଦସିନ ବଢ଼ିବାରେ ଲାଗିଛି । କୁହାଯାଉଛି ଯେ, ପୋଲିସ ଓ କେନ୍ଦ୍ର ସୁରକ୍ଷାବଳଙ୍କ ମଧ୍ୟରେ ତାଳମେଳ କମୁଥିବାରୁ ମାଓବାଦୀମାନେ ସେମାନଙ୍କ କାର୍ଯ୍ୟରେ ସଫଳ ହେଉଛନ୍ତି ।


# ଏଣିକି ମାତ୍ର ୧୪୯ ଟଙ୍କାରେ ମିଳିବ ୧୫ଟି ଓଟିଟି ପ୍ଲାଟଫର୍ମର ସବସ୍କ୍ରିପସନ୍




ନୂଆଦିଲ୍ଲୀ: ଏୟାରଟେଲ ଗ୍ରାହକଙ୍କ ପାଇଁ ଖୁସି ଖବର । ଏୟାରଟେଲ ନିଜ ଗ୍ରାହକଙ୍କ ପାଇଁ ଆଣିଦେଇଛି ଧମାକେଦାର ଅଫର । ଏୟାରଟେଲ ଏକ ନୂତନ ଭିଡିଓ ଷ୍ଟ୍ରିମିଂ ସେବା ଏକ୍ସଟ୍ରିମ ପ୍ରିମିୟମ ଲଞ୍ଚ କରିଛି। ଏଣିକି ମାତ୍ର ୧୪୯ ଟଙ୍କାରେ ମିଳିବ ୧୫ଟି ଓଟିଟି ପ୍ଲାଟଫର୍ମର ସବସ୍କ୍ରିପସନ୍ । ଏଥିରେ, ଉପଭୋକ୍ତାମାନେ ଗୋଟିଏ ପ୍ଲାଟଫର୍ମରେ ୧୫ଟି ଭାରତୀୟ ଏବଂ ଗ୍ଲୋବାଲ୍ ଓଟିଟି ସେବା ପାଇପାରିବେ । କେବଳ ଏୟାରଟେଲ ବ୍ୟବହାରକାରୀମାନେ ଏହି ସେବାର ଲାଭ ଉଠାଇବାକୁ ସକ୍ଷମ ହେବେ। ୧୪୯ ଦେଇ ଏୟାରଟେଲ ଏକ୍ସଷ୍ଟ୍ରିମ ପ୍ରିମିୟମରେ ଗ୍ରାହକମାନେ ୧୦,୫୦୦ ଚଳଚ୍ଚିତ୍ର ଏବଂ ସୋ' ସହିତ ଲାଇଭ ଚ୍ୟାନେଲ ମଧ୍ୟ ଦେଖିପାରିବେ। ଏଥିରେ ଉପଭୋକ୍ତାମାନେ ସୋନିଲିଭ୍, ଏରୋଜନାଓ, ଲାୟନ୍ସଗେଟ୍ ପ୍ଲେ, ହୋଇଚୋଇ, ମନୋରମାମାକ୍ସ, ଶେମାରୋ, ଅଲଟ୍ରା, ହଙ୍ଗାମା ପ୍ଲେ, ଇପିକନ୍, ଡୋକୁବେ, ଡିଭୋ ଟିଭି, କ୍ଲିକ୍, ନାମ୍ମାଫ୍ଲିକ୍ସ, ଡଲିଉଡ ଏବଂ ସର୍ଟ ଟିଭିରୁ ଲାଇଭ ଚ୍ୟାନେଲ ଉପଭୋଗ କରିପାରିବେ। ନୂଆ ସେବା ସହ ଏୟାରଟେଲ ୨କୋଟି ଲୋକଙ୍କୁ ନିଜ ସହ ଯୋଡିବାକୁ ପ୍ରୟାସ କରୁଛି।

ଏହା ବ୍ୟତୀତ ଉପଭୋକ୍ତାମାନେ ଏୟାରଟେଲ ଏକ୍ସଷ୍ଟ୍ରିମ ପ୍ରିମିୟମର ବାର୍ଷିକ ସବସ୍କ୍ରିପସନ୍ ମଧ୍ୟ ନେଇପାରିବେ । ୧୨ ମାସର ସବସ୍କ୍ରିପସନ୍ ପାଇଁ ଉପଭୋକ୍ତାଙ୍କୁ ୧୪୯୯ ଟଙ୍କା ଦେବାକୁ ହେବ। ଏହି ସେବା ଏୟାରଟେଲ ଏକ୍ସଷ୍ଟ୍ରିମ ସେଟ୍-ଟପ୍ ବକ୍ସ ପାଇଁ ମଧ୍ୟ ଉପଲବ୍ଧ। ନୂତନ ସେବାର ଲାଭ ଉଠାଇବା ପାଇଁ ଉପଭୋକ୍ତାମାନେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଏୟାରଟେଲ୍ ଏକ୍ସଷ୍ଟ୍ରିମ୍ ଆପ୍ ଡାଉନଲୋଡ୍ କରିପାରିବେ।

# ଉଦ୍ୟୋଗପତି ରାହୁଲ ବଜାଜଙ୍କ ପରଲୋକ



ନୂଆଦିଲ୍ଲୀ: ବଜାଜ କମ୍ପାନୀର ପୂର୍ବତନ ଚେୟାରମ୍ୟାନ ବା ଉଦ୍ୟୋଗପତି ରାହୁଲ ବଜାଜଙ୍କ ପରଲୋକ । ୮୩ ବର୍ଷ ବୟସରେ ରାହୁଲ ବଜାଜଙ୍କ ଦେହାନ୍ତ ପୁଣେଠାରେ ହୋଇଛି । ବଜାଜ ଗ୍ରୁପର ଅଂଶୀଦାର ଥିଲେ ରାହୁଲ । ରାହୁଲ ବଜାଜଙ୍କୁ ମିଳିଥିଲା ପଦ୍ମଭୂଷଣ ସମ୍ମାନ । ବାଜଜ ଗ୍ରୁପ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଶନିବାର ଦିନ ୨.୩୦ ମିନିଟରେ ପରିବାର ବର୍ଗଙ୍କ ଉପସ୍ଥିତିରେ ତାଙ୍କର ଦେହାନ୍ତ ହୋଇଛି । ସେ ବହୁତ ଦିନ ହେଲା ଅସୁସ୍ଥ ହୋଇପଡିଥିଲେ । ରାହୁଲ ବଜାଜ ଜଣେ ସଫଳ ବ୍ୟବସାୟୀ ଭାବେ ପ୍ରସିଦ୍ଧ । ୧୯୬୫ରେ ସେ ବଜାଜ କମ୍ପାନୀ ଦାୟିତ୍ୱ ସମ୍ଭାଳିବା ପରେ କମ୍ପାନୀ ସଫଳତାରେ ଶୀର୍ଷରେ ପହଞ୍ଚିଥିଲା । ଦେଶରେ ସ୍କୁଟର ବିକ୍ରି କମ୍ପାନୀ ଗୁଡିକ ମଧ୍ୟରେ ଶୀର୍ଷ ସ୍ଥାନରେ ରହିଥିଲା ବଜାଜ । ରାହୁଲ ବଜାଜଙ୍କର ଜନ୍ମ ୧୯୩୮ ମସିହାର କୋଲକାତାର ମାରଓ୍ୱାଡି ବ୍ୟବସାୟୀ କମଳନୟନ ବଜାଜ ଓ ସାବିତ୍ରୀ ବଜାଜଙ୍କ ପରିବାରେ ହୋଇଥିଲା । ଦୀର୍ଘ ୫୦ ବର୍ଷ ଧରି ସେ ବଜାଜର ଚେୟାରମ୍ୟାନ ରହିବା ପରେ ୨୦୦୫ରେ ରାହୁଲ ବଜାଜଙ୍କ ପୁଅ ରାଜୀବଙ୍କୁ କମ୍ପାନୀର ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

# ପଞ୍ଚାୟତ ନିର୍ବାଚନ ପାଇଁ ପୁରୀ ଓ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ସମୀର ମହାନ୍ତିଙ୍କ ମାରାଥନ୍ ପ୍ରଚାର



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ୨୦୧୯ ଫନୀ ବାତ୍ୟାର ୨୪ ଘଂଟା ଭିତରେ ମୋଦି ସରକାର କେନ୍ଦ୍ରରୁ କ୍ଷତିଗ୍ରସ୍ତ ବାସହୀନଙ୍କ ଘର ନିର୍ମାଣ ବାବଦରେ ହଜାର ହଜାର କୋଟି ଟଙ୍କା ପଠାଇଥିଲେ, ଯାହାକୁ ପ୍ରକୃତ ଗରୀବ ବାସହୀନଙ୍କ ପାଖକୁ ଆଜି ପର୍ଯ୍ୟନ୍ତ ପହଂଚି ପାରିଲା ନାହିଁ। ଆଜି ବି ଗରୀବ ଓ ନିଃସହାୟ ଲୋକମାନେ ଭଙ୍ଗା ଘରେ, ଛାତ ବିହୀନ ଘରେ ବାସ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଅନୁମୋଦନ ସତ୍ତ୍ୱେ ଲକ୍ଷ ଲକ୍ଷ ଘର ଆବଂଟନ ହୋଇନପାରି ରାଜ୍ୟ ସରକାରଙ୍କ ପାଖରେ ପଡିରହିଛି । 'ପିସି ଷ୍ଟପ୍' ର ବାହାସ୍ଫୋଟ ମାରୁଥିବା ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ବର୍ତ୍ତମାନ ପିସି ପ୍ରତିଶତ ୩୦ ରୁ ୪୦ କୁ ବୃଦ୍ଧି ପାଇଛି। ଦଳୀୟ ଆଧାରରେ ବାସଗୃହ ବଂଟନ କରି ରାଜ୍ୟର ଅଗଣିତ ଆର୍ଥିକ ଦୁର୍ବଳ ଓ ଗରୀବ ଲୋକଙ୍କୁ ବାସହୀନ କରି ରଖିବା ଶାସକ ବିଜେଡିର ଜନବିରୋଧୀ ମାନସିକତାକୁ ସ୍ପଷ୍ଟ କରିଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ରାଜ୍ୟରେ ବାସଗୃହ ଆବଂଟନ ଦାୟୀତ୍ୱରେ ଥିବା ଶାସକ ବିଜୁ ଜନତା ଦଳ ପାଇଁ ଏହା ବଡ ଲଜ୍ଜାର ବିଷୟ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି।

ଚଳିତ ପଂଚାୟତ ନିର୍ବାଚନ ପ୍ରଚାର ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ପୁରୀ ଜିଲ୍ଲା ସତ୍ୟବାଦୀ କଣାସ ଜୋନ-୪ ର ପାଣ୍ଡିଆକେରା, ବଡପୁଟ, ସାନପୁଟ ଦୋକନ୍ଦା, ନାନେକେରା, ବଡାସ, ଛୋଡିଯୋଡି ଆଦି ବିଭିନ୍ନ ଗ୍ରାମ ଗସ୍ତ କରି ଦଳୀୟ ପ୍ରାର୍ଥୀ ସୌମ୍ୟ ରଂଜନ ବଳିଆରସିଂହ ସପକ୍ଷରେ ଭୋଟ ନିବେଦନ କରିଛନ୍ତି। ଏହି ଅବସରରେ ବରିଷ୍ଠ ନେତା କୃଷ୍ଣ ଜଗଦେବ, ରାଜ୍ୟ ମୁଖପାତ୍ର ରମାରଂଜନ ବଳିଆରସିଂହ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମପ୍ରକାଶ ମିଶ୍ର ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


# ଟୀକାଦାନ ଜନିତ ମୃତ୍ୟୁ ପାଇଁ ସରକାର କ୍ଷତିପୂରଣ ଦେବାକୁ ଦାବି: ନବ ନିର୍ମାଣ କୃଷକ ସଂଘ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଇନ୍ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ ଠାରେ ନବନିର୍ମାଣ କୃଷକ ସଂଗଠନ ତରଫରୁ କରୋନା ଟୀକାକରଣର ସତ୍ୟତା ଓ ଏହାର ବାସ୍ତବତାକୁ ନେଇ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁମ୍ବାଇ ହାଇକୋର୍ଟ ଓ ସୁପ୍ରିମ କୋର୍ଟର ଓକିଲ ନିଲେଶ ଓଝା ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ ଯେ, ସୁପ୍ରିମ କୋର୍ଟ କହିଛନ୍ତି ଟୀକାକରଣକୁ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ। ଯଦି ଲୋକଙ୍କ ଟିକସ ଅର୍ଥରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅନାବଶ୍ୟକ ଭାବେ ଲୋକଙ୍କୁ ଟୀକା ଦିଆଯାଇ ମୃତ୍ୟୁମୁଖକୁ ଠେଲାଯାଉଛି, ତେବେ ସରକାର ଏଥିପାଇଁ କ୍ଷତିପୂରଣ ଦେବେ ନା ନାହିଁ। ଆମେରିକା ଭଳି ଉନ୍ନତ ଦେଶରେ ଟୀକାକରଣ ଜନିତ ମୃତ୍ୟୁ ପାଇଁ କୋଟି କୋଟି ଟଙ୍କା କ୍ଷତିପୂରଣ ଦିଆଯାଉଛି। ଆମ ଦେଶରେ ଟୀକାକରଣ ଯୋଗୁ ପାର୍ଶ୍ୱପ୍ରତିକ୍ରିୟା ହୋଇ ଯେଉଁମାନଙ୍କ ମୃତ୍ୟୁ ଘଟୁଛି ସେମାନଙ୍କୁ କ୍ଷତିପୂରଣ ପାଇଁ ଅଦାଲତରେ ଆବେଦନ କରାଯାଇଛି। ସମ୍ମାନିତ ବକ୍ତା ଭାବେ ଡଃ ବିଶ୍ୱରୂପ ରାୟଚୌଧୁରୀ ଯୋଗଦେଇ କହିଲେ ଯେ, ମୋ ଦେଶରେ ତିନି ତିନୋଟି କୋଭିଡ୍ କେନ୍ଦ୍ର ଚାଲିଛି। ଏହି କୋଭିଡ୍ ସେଣ୍ଟରରେ ନା ମାସ୍କ ବ୍ୟବହାର ହୁଏ ନା ଶାରୀରିକ ଦୂରତା ରକ୍ଷା କରାଯାଏ। ବିନା ମାସ୍କ ଓ ଶାରୀରିକ




ଦୂରତାରେ ଆମେ ୬୦ ହଜାର ରୋଗୀଙ୍କୁ ଚିକିତ୍ସା କରି ଭଲ କରିଛୁ। ଏମ୍ସର ଡ଼ାକ୍ତର ଡଃ ସଞ୍ଜୟ ରାୟ ଯୋଗଦେଇ କହିଲେ ଯେ, ୮୦ ପ୍ରତିଶତ ଲୋକଙ୍କ ଦେହରେ ରୋଗ ପ୍ରତିରୋଧକ ଶକ୍ତି ତିଆରି ହେଲା ପରେ ଆଉ ସେମାନଙ୍କୁ ଟୀକାକରଣ ଆବଶ୍ୟକତା ନାହିଁ। ଟୀକାକରଣ କବେ ସଂକ୍ରମଣକୁ ରୋକିପାରିବ ନାହିଁ, ଏହା ମୃତ୍ୟୁସଂଖ୍ୟାକୁ କମାଇପାରେ। 'ବ୍ୟାଙ୍କୋକା ମାୟାଜାଲ' ପୁସ୍ତକର ଲେଖକ ରବି କୋହଡ଼ ଯୋଗଦେଇ କହିଲେ ଯେ, କରୋନା ସମୟରେ ସମସ୍ତଙ୍କ ରୋଜଗାର ମାନ୍ଦା ଅବସ୍ଥାର ଶିକାର ହୋଇଥିବା ବେଳେ ଫାଇଜର ଭଳି ଟୀକା କମ୍ପାନୀ ପ୍ରତି ସେକେଣ୍ଡରେ ୭୦ ହଜାର ଟଙ୍କା ରୋଜକାର କରୁଛି। ଟୀକାକମ୍ପାନୀମାନେ ବ୍ୟବସାୟ ଦୃଷ୍ଟିରୁ ସ୍ୱାସ୍ଥ୍ୟସେବାକୁ ବିଭ୍ରାନ୍ତ କରୁଛନ୍ତି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଅଶୋକ ମହାପାତ୍ର, ସରକାରଙ୍କ କୋଭିଡ୍ ନିର୍ଦ୍ଦେଶକ ଡଃ ନିରୋଦ ମିଶ୍ର, ଡଃ ଭଗବାନ ପ୍ରକାଶ, ବରିଷ୍ଠ ସାମ୍ବାଦିକ ରବି ଦାସ, ବିଶିଷ୍ଟ ଆଇନଜୀବୀ ଶିବାନନ୍ଦ ରାୟ, ଓମ୍ସାର ପୂର୍ବତନ ସଭାପତି ମଧୁସୂଦନ ମିଶ୍ର, ଓଡ଼ିଶା ସୂଚନା ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ବିନୋବା ସେବା ପ୍ରତିଷ୍ଠାନର ଅଧ୍ୟକ୍ଷ ମନୋଜ ଜେନା, ସର୍ବୋଦୟ ନେତା ରମାକାନ୍ତ ମଣ୍ଡଳ, ଚିଟ୍‌ଫଣ୍ଡ ଆନ୍ଦୋଳନର ମଧୁସୂଦନ ବିଶ୍ୱାଳ, ଏକତା ପରିଷଦର ବିଜୟ ପ୍ରଧାନ ଓ ଡ଼ଲି ଅପା ପ୍ରମୁଖ ଉପସ୍ଥିତ ଥିଲେ।

## ନିତିବାଣୀ



- ଆମେ ଯେତେ ପରିମାଣରେ ଈଶ୍ୱରଙ୍କ ଠାରେ ତଲ୍ଲୀନ ହେବା ସେତିକି ପରିମାଣରେ ଆମର ବିଘ୍ନ, ବ୍ୟାକୁଳତା, ଆପଣାଛାଏଁ ଦୂର ହୋଇଯିବ ଏବଂ ଆମେ ଯେତେ ଅହଂକାରରେ ବୁଡ଼ି ରହିବା ସେତିକି ମାତ୍ରାରେ ଦୁଃଖ, ବିଘ୍ନ ଏବଂ ବ୍ୟାକୁଳତା ବଢ଼ି ଚାଲିବ।
- ସମ୍ପୂର୍ଣ୍ଣ ବିଶ୍ୱର ଆଧାର ପରମାତ୍ମା ଏବଂ ସେହି ପରମାତ୍ମା ଆତ୍ମା ରୂପରେ ଆମ ମଧ୍ୟରେ ବିଦ୍ୟମାନ। ସେହି ଆତ୍ମାକୁ ଜାଣିବା ଦ୍ୱାରା ସର୍ବଜ୍ଞତା ପ୍ରାପ୍ତ ହୁଏ।
- ପ୍ରାର୍ଥନା ଓ ନିବେଦନ ଦ୍ୱାରା ଭାବନାର ବିକାଶ ହୁଏ। ପ୍ରାଣାୟମ ଦ୍ୱାରା ପ୍ରାଣବଳ ବଢ଼େ, ସେବା ଦ୍ୱାରା କ୍ରିୟାବଳ ବୃଦ୍ଧିପାଏ ଏବଂ ସତ୍‌ସଙ୍ଗ ଦ୍ୱାରା ବୁଦ୍ଧିର ବିକାଶ ହୁଏ। ଉଚ୍ଚକୋଟୀର ବୋଧ ଶକ୍ତି ଦ୍ୱାରା ସହଜ ସମାଧି ସ୍ୱଭାବରେ ପରିଣତ ହୁଏ।
- ଏହି ବିଶ୍ୱାସରେ ଦୃଢ଼ ହୁଅ ଯେ ଯାହା କିଛି ହେଉଛି, ହୁଏତ ବର୍ତ୍ତମାନ ତୁମେ ହୃଦୟଙ୍ଗମ କରି ନ ପାର ଏବଂ ବୁଦ୍ଧି ସ୍ୱୀକାର କରି ନ ପାରେ। ତଥାପି ତାହା ପରମାତ୍ମାଙ୍କ ମଙ୍ଗଳମୟ ବିଧାନ ଅଟେ। ସେ ତୁମର ମଙ୍ଗଳ ପାଇଁ ହିଁ ସବୁ କିଛି କରୁଛନ୍ତି, ପରମ ମଙ୍ଗଳ କାରୀ ପରମାତ୍ମାଙ୍କୁ ବାରମ୍ବାର ଧନ୍ୟବାଦ କର
- ଏପରି କୌଣସି ବସ୍ତୁ, ବ୍ୟକ୍ତି ଅଥବା ପରିସ୍ଥିତି ନାହିଁ ଯାହା ତୁମର ଆତ୍ମଶକ୍ତି ଅନୁସାରେ ବଦଳିବାକୁ ରାଜି ହେବ ନାହିଁ। ପରନ୍ତୁ ନିଜ ଭିତରେ ଏହି ଆତ୍ମବଳ, ଏହି ସଂକଳ୍ପବଳ ବିକଶିତ କରିବାର ଯୁକ୍ତି କୌଣସି ମହାପୁରୁଷଙ୍କ ଠାରୁ ଶିଖି ତାହାର ବିଧିବଦ୍ଧ ଯୋଗ କରିଲେ ନର ଏହି ଜନ୍ମରେ ନାରାୟଣ ସ୍ୱଭାବକୁ ପ୍ରାପ୍ତ କରିପାରିବ।

## କୋଷ୍ଠକାଠିନ୍ୟ ପାଇଁ ହୋମିଓପ୍ୟାଥିକ୍ ଚିକିତ୍ସା



କୋଷ୍ଠକାଠିନ୍ୟ ବା କବ୍ଜ ପାଚନତନ୍ତ୍ର ର ସେହି ସ୍ଥିତିକୁ କୁହାଯାଏ ଯେଉଁଥିରେ ବ୍ୟକ୍ତି ବା ପଶୁ ଙ୍କର ମଳ ବହୁତ କଠିନ ହୋଇଯାଏ। କବ୍ଜ ଆମାଶୟର ସ୍ୱାଭାବିକ ପରିବର୍ତ୍ତନର ସେହି ଅବସ୍ଥା , ଯେଉଁଥିରେ ମଳ ନିଷ୍କାସନ ବହୁତ କମିଯାଏ। ମଳ କଠିନ ହୋଇଯିବାରୁ ତାହାର ଆବୃତ୍ତି କମି ଯାଏ। ଗୋଟିଏ ସପ୍ତାହରେ ୩ରୁ ୧୨ ଥର ମଳ ନିଷ୍କାସନ ପ୍ରକ୍ରିୟାକୁ ସାମାନ୍ୟ କୁହାଯାଏ।

କବ୍ଜ ହେଲେ ହୋମିଓପ୍ୟାଥିକ ଚିକିତ୍ସା :

ସବୁଠାରୁ ଲୋକପ୍ରିୟ ଚିକିତ୍ସା ପ୍ରଣାଳୀରୁ ଗୋଟିଏ ହେଲା ହୋମିଓପ୍ୟାଥିକ ଚିକିତ୍ସା। ଏହି ଚିକିତ୍ସା ପ୍ରଣାଳୀରେ ବ୍ୟକ୍ତିଗତ ଲକ୍ଷଣ ଆଧାରରେ ଔଷଧ ଦିଆଯାଏ। ଏହା ଏପରି ଏକ ମାଧ୍ୟମ ଯେଉଁଥିରେ ରୋଗୀର ସବୁ ବିକାର ଦୂର କରାଯାଇ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ କରାଯାଇପାରେ। ହୋମିଓପ୍ୟାଥିକର ଉଦ୍ଦେଶ୍ୟ କବ୍ଜ ସୃଷ୍ଟିକରୁଥିବା କାରଣ କୁ ସର୍ବମୂଳେ ବିନାଶ କରିବା , କେବଳ ଯେ କବ୍ଜ ର ନାଶ ସେତିକି ନୁହେଁ। ଚିକିତ୍ସା ସମ୍ବନ୍ଧୀ ଉପାୟର କଥାହେଲେ, ହୋମିଓପ୍ୟାଥିକ୍‌ରେ ବହୁ ପ୍ରକାର ଔଷଧ ଉପଲବ୍ଧ ଅଛି। ତେଣୁ ବ୍ୟକ୍ତିଗତ ଚିକିତ୍ସା ପାଇଁ ଜଣେ ଯୋଗ୍ୟ ଡାକ୍ତରଙ୍କର ଉପଦେଶ ନେବା ଜରୁରୀ ଅଟେ।

ନିମ୍ନଲିଖିତ ଔଷଧ କବ୍ଜପାଇଁ ବେଶ ଫଳପ୍ରଦ

ଗରିକସ, ଏଥୁସା, ଅଲୁମନ, ଏଲୁମିନା, ବ୍ରୟୋନିଆ ଅଲବା, ଏଲୋ ସୋକୋଟ୍ରିନା, ଏଣ୍ଟିମ୍ କ୍ରୁଡ, ଅସଫୋଇଟିଦା, ବାପ୍ଟେସିଆ, କାଲକାରିଆ କର୍ବ, ଚାଇନା, କୋଲେସ୍ନୋନିଆ, ଗ୍ରାଫାଇଟସ୍ ଇତ୍ୟାଦି।

# ଗରମରେ ତ୍ୱଚା କଳା ହେଉଥିଲେ..

ଗରମରେ ତ୍ୱଚା କଳାପଡିଯିବା ଏକ ସାଧାରଣ ଘଟଣା। ହେଲେ ଏଥିରୁ ରକ୍ଷା ପାଇବା ଏତେ ସହଜ ନୁହେଁ। ତ୍ୱଚା ବିଶେଷଜ୍ଞ ମାନେ କହନ୍ତି, କିଛି ଘରୋଇ ଉପାୟ ଆପଣେଇ ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ଏହି ସମସ୍ୟାରୁ ରକ୍ଷା ମିଳିପାରିବ। ଜଣେ ବରିଷ୍ଠ ହୋମିଓପ୍ୟାଥିକ ବିଶେଷଜ୍ଞ ଗରମ କାରଣରୁ ଉତ୍ପନ୍ନ ହେଇଥିବା କଳାପଣରୁ ରକ୍ଷା ପାଇବା ପାଇଁ କିଛି ଉପାୟ କହିଛନ୍ତି।



କାକୁଡି, ଗୋଲାପ ଜଳ ଓ ଲେମ୍ବୁରସର ପ୍ୟାକ: କଳାପଣକୁ ଦୂର କରିବା ପାଇଁ ବହୁତ ଭଲ କାକୁଡି ଓ ଲେମ୍ବୁ। ଲେମ୍ବୁ ତ୍ୱଚାର ରଙ୍ଗକୁ ହାଲକା କରିଥାଏ ଓ କାକୁଡି-ଗୋଲାପ ଜଳ ତ୍ୱଚାକୁ ଥଣ୍ଡା ପହଞ୍ଚାଇଥାଏ। ଏହାକୁ ମିଶାଇ ତ୍ୱଚାରେ ଲଗାନ୍ତୁ। ୧୦ ମିନିଟ ପରେ ଧୋଇ ଦିଅନ୍ତୁ। ଭଲ ପରିଣାମ ପାଇଁ ଏହି ପ୍ୟାକ କୁ ରୋଜ ଲଗାଇ ପାରିବେ।

ଅମୃତ ଭଣ୍ଡା ଓ ମହୁର ଫେସ୍‌ପ୍ୟାକ୍ : ଅମୃତ ଭଣ୍ଡାରେ ଥିବା ଏଞ୍ଜାଇମ୍ସ କାରଣରୁ ଏହି ପ୍ୟାକ ମୁହଁର କଳାଦାଗ ସବୁ ଦୂରକରିପାରେ। ଏହି ଏଞ୍ଜାଇମସ୍ ରଙ୍ଗ ସଫାକରିଥାଏ ତଥା ଦାଗ ଚିହ୍ନ ସବୁ ଦୂର କରିଥାଏ। ମହୁ ତ୍ୱଚାକୁ ନରମ କରେ। ଅଧ କପ୍ ପାଚିଲା ଅମୃତ ଭଣ୍ଡାକୁ ଚକଟି, ସେଥିରେ ମହୁ ମିଶାଇ, ଏହି ପ୍ୟାକକୁ ଲଗାନ୍ତୁ। ଓ ପରେ ତାହା ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

ଟମାଟର , ଦହି ଓ ଲେମ୍ବୁରସ : ଏହି ପ୍ୟାକରେ ବି ରଙ୍ଗ ସଫାକରିବାର ଗୁଣ ଅଛି। ଲେମ୍ବୁ ତ୍ୱଚାର ଦାଗ ସବୁକୁ ଦୂରକରେ। ଟମାଟର ଖୋଲା ରୋମଛିଦ୍ରକୁ ବନ୍ଦ କରେ, ତଥା ତ୍ୱଚାର ତେଲିଆ ଅଂଶକୁ କମ କରେ, ଓ ଦହି ତ୍ୱଚାକୁ ନରମ କରେ ଓ ପୋଷଣ ଦିଏ। ଏହି ପ୍ୟାକ ବନାଇବା ପାଇଁ ୩ବଡ ଚାମଚ ଟମାଟର ରସ, ଏକ ବଡ ଚାମଚ ଲେମ୍ବୁରସ, ଓ ଏକ ଚାମଚ ଦହି ନିଅନ୍ତୁ। ଏହାକୁ ଭଲ ଭାବରେ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ଅଧଘଣ୍ଟା ଶୁଖିବାକୁ ଛାଡିଦେଇ ତାପରେ ଧୋଇ ଦିଅନ୍ତୁ।

ଚନ୍ଦନ ପାଉଡର ଓ ନଡିଆପାଣି : ଚନ୍ଦନ ପାଉଡର ତ୍ୱଚାର ସଫାକରେ। ତଥା ତ୍ୱଚାର ମଇଳା, ମୃତ କୋଷିକା ଓ ଚିହ୍ନ ମାନସବୁ ଦୂର କରେ। ଏକ ବଡ ଚାମଚ ଚନ୍ଦନ ପାଉଡର କୁ ନଡିଆପାଣିରେ ମିଶାଇ ସେଥିରେ ବାଦାମ ତେଲ କିଛି ବୁନ୍ଦା ପକାଇ ୨୦ ମିନିଟ ପାଇଁ ଲଗାଇ ଧୋଇଦିଅନ୍ତୁ।

## କେଶରର ଅନେକ ଫାଇଦା



କେଶରର ଫାଇଦା ବିଷୟରେ ତ ସମସ୍ତେ ଜାଣନ୍ତି, ତଥାପି କେଶରରେ ଲୁଚିଥିବା ଅନେକ ଗୁଣ କେହି ଜାଣି ନଥାଆନ୍ତି।

ଯେଉଁମାନଙ୍କର ମୋତିଆବିନ୍ଦୁର ସମସ୍ୟା ଅଛି, ସେମାନଙ୍କ ପାଇଁ କେଶର ବେଶ ଲାଭଦାୟକ। ଚାକିରି କରିଥିବା ବ୍ୟକ୍ତି ଯେଉଁ ମାନେ ବେଶି ସମୟ କମ୍ପ୍ୟୁଟରରେ କଟାଇଦିଅନ୍ତି , ଫଳରେ ସେମାନଙ୍କର ଆଖି କମଜୋର ହୋଇଯାଏ, ଧିରେ ଧିରେ ସେମାନେ ମୋତିଆବିନ୍ଦୁର ଶିକାର ହୋଇଯାଆନ୍ତି ଓ ସେମାନଙ୍କୁ କିଛି ଦେଖାଯାଏନାହିଁ ସେମାନଙ୍କ ପାଇଁ ଏହାର ସେବନ ଖୁବ୍ ଲାଭ ଦାୟକ।

ବଦହଜମୀ, ପେଟକାଟିବା, ଗ୍ୟାସ ହେବା ବା ପେଟ ସହ ଜଡିତ ଅନ୍ୟ କିଛି ରୋଗର ଆଭାସ ଥିଲେ, ପ୍ରତି ଦିନ କେଶର ଖାଆନ୍ତୁ। ଏହାଦ୍ୱାରା ଆପଣଙ୍କୁ ଭିତରୁ ଶକ୍ତି ମିଳିବ। କୁହାଯାଇପାରେ ଏହ ପେଟ ରୋଗପାଇଁ ରାମବାଣ ଅଟେ। କେଶର ସେବନର ଉପଯୁକ୍ତ ସମୟ ରାତି ସମୟ ଅଟେ।

ମହିଳାମାନଙ୍କ ପାଇଁ କେଶର ବେଶି ଲାଭକାରୀ କୁହାଯାଏ। ଏହାର ନିୟମିତ ସେବନ ଫଳରେ ମହିଳାମାନଙ୍କର ଅସୁବିଧା ଦିନର କଷ୍ଟ, ପେଟ କାଟିବା, ଶରୀର ପୀଡ଼ା ଆଦିର ନିୟନ୍ତ୍ରଣ ହୋଇଥାଏ। କେଶରକୁ ଚନ୍ଦନରେ ଘୋରି ମଥାରେ ଲଗାଇଲେ ମୁଣ୍ଡଥଣ୍ଡା ରହେ।

## କେଶର ପ୍ରାକୃତିକ ଯତ୍ନ ନେବେ କିପରି ?



ଅଁଳା, ରିଠା, ଶିକାକାଇ, ବ୍ରାହ୍ମୀ, ଭୃଙ୍ଗରାଜ, ମେଥିଦାନା, ( ସବୁ କୁ ୧୦୦ ଗ୍ରାମ ) ଓ ୫୦ ଗ୍ରାମ କପୂରକୁ ଅଲଗା ଅଲଗା ପାଉଡର କରିନିଅନ୍ତୁ। ଏବଂ ୩-୪ ଥର ଏହାକୁ ଛାଣି ଦିଅନ୍ତୁ। ଏହାକୁ ଲୁହା କଡେଇରେ ରଖି ୧୦୦ ଗ୍ରାମ ରାଶି ତେଲ ତଥା ଦେଢ ଲିଟର ପାଣି ମିଶାଇ ଗରମ କରନ୍ତୁ। ଯେତେବେଳେ ପାଣି ଅଧା ରହିଯାଏ, ଓ କଳା ରଙ୍ଗର ହୋଇଯାଏ, ଏହାକୁ ଚୁଲିରୁ ଓହ୍ଲାଇ ଆଣନ୍ତୁ। ଥଣ୍ଡା ହୋଇଗଲେ ଛାଣିଦେଇ ଏହି ପାଣିକୁ ବୋତଲେ ଭରି ଦିଅନ୍ତୁ।

ପ୍ରୟୋଗ କରିବା ବିଧି : ସ୍ନାନ କରି ସାରିବାପରେ ବାଳକୁ ଭଲ ଭାବରେ ପୋଛି ଟିକେ ପବନ ବାଜିବାକୁ ଦେବେ ଯେପରି ବାଳ ପୁରା ଶୁଖିଯାଏ। ଏବେ ଆଙ୍ଗୁଠି ଟିପ ସାହାଯ୍ୟରେ ବାଳ ମୂଳରେ ଏହିମିଶ୍ରଣକୁ ଲଗାଇ ପବନରେ ଶୁଖିବାକୁ ଦିଅନ୍ତୁ। ଏହା ଦ୍ୱାରା କେଶକୁ ପର୍ଯ୍ୟାପ୍ତ ପୋଷଣ ମିଳିଲେ ମଧ୍ୟ କେଶ ତେଲିଆ ଦେଖାଯିବନି। ତଥାପି ଯଦି ଆପଣ କେଶକୁ ତେଲିଆ ଦେଖାଯିବାକୁ ଚାହାନ୍ତି, ତେବେ ଏହା ଉପରେ ତେଲ ଲଗାଇ ପାରନ୍ତି।

ଏହି ବିଧି ପ୍ରୟୋଗ କରୁଥିଲେ, ସ୍ୟାମ୍ପୋ ବା ମେହେନ୍ଦି ଲଗାଇବେ ନାହିଁ।

ଅନ୍ୟ ଉପାୟ :

- ଶୁଖିଲା ଅଁଳାକୁ ପାଣିରେ ଫୁଟାନ୍ତୁ ଯେପରି ପାଣି ଅଧା ରହିଯାଏ। ଏଥିରେ ମେହେନ୍ଦି ଓ ଲେମ୍ବୁରସ ମିଶାଇ କେଶ ମୂଳରେ ଲଗାନ୍ତୁ। ଏହା କଲେ ଅସମୟରେ ବାଳ ପାଚୁଥିଲେ ତାହା ବନ୍ଦ ହୋଇଯାଏ।
- ମେହେନ୍ଦି, ଲିମ୍ବ ଓ ବରକୋଳି ପତ୍ର କୁ ପୁଦିନା ରେ ସମାନ ମାତ୍ରାରେ ନେଇ, ବାଟି ଏହି ଗୁଳାକୁ ଏକ ଲୁହା କଢେଇରେ ନଡିଆ ତେଲ ସହଗରମ କରନ୍ତୁ, ଯେତେବେଳେ ତେଲ ଗରମ ହୋଇଯିବ ଓ ସେଥିରୁ ଫେଣ ବାହାରିବ, ତାକୁ ଚୁଲିରୁ ବାହାର କରିଦେବେ। ଏହି ମିଶ୍ରଣକୁ ୩ଦିନ ଏହିପରି ରଖିବେ ଓ ଚତୁର୍ଥ ଦିନ ଏହାକୁ କପଡାରେ ଛାଣି ଦେଇ କାଚ ବୋତଲରେ ରଖିଦିଅନ୍ତୁ। ରାତିରେ ଶୋଇବା ସମୟରେ ଏହି ତେଲକୁ କେଶ ମୂଳରେ ଲଗାଇ ଦିଅନ୍ତୁ, ଏହା ଦ୍ୱାରା କେଶ ଘନ ହେବା ସହ ଭଲ ନିଦ ବି ହୋଇଥାଏ।

ଏହି ଉପାୟ ଅବଲମ୍ବନ କରୁଥିଲେ, ମୁଣ୍ଡରେ ଅନ୍ୟ ତେଲ, ସାବୁନ, ସାମ୍ପୋ ଇତ୍ୟାଦି ବ୍ୟବହାର କରିବେନି । ମୁଲତାନି ମାଟିକୁ ପାଣିରେ ମିଶାଇ କପଡାରେ ଛାଣି ଦିଅନ୍ତୁ, ଓ ଏହି ପାଣିରେ କେଶ ଧୋଇ ତାପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ।

## ଆକ୍ୱାଗାର୍ଡ ପାଣି କେତେ ଉପକାରୀ ?




ଆଜି କାଲି ଲୋକ ମାନେ ଘରେ ବିଶୁଦ୍ଧ ପାଣି ପାଇଁ ବିଭିନ୍ନ ପ୍ୟୁରିଫାୟାର ଲଗାଉଛନ୍ତି। ହେଲେ ଜାଣନ୍ତି କି ବିଶୁଦ୍ଧ ପାଣି ଭାବି ଲଗାଉଥିବା ଆକ୍ୱାଗାର୍ଡ ସତରେ କେତେ ସୁରକ୍ଷିତ ? ଏହା ସ୍ୱାସ୍ଥ୍ୟ ପାଇଁ ବି କ୍ଷତିକାରକ ବି ହୋଇପାରେ ? ସୂଚନା ଅନୁସାରେ ପାଣିକୁ ଶୁଦ୍ଧ କରିବା ଉପକରଣ ଗୁଡିକ ସ୍ୱତନ୍ତ ଭାବରେ ମେମ୍ବ୍ରେନ୍ କାମ କରେ। ଏହା ପାଣିକୁ ଶୁଦ୍ଧ କରିବା ସମୟରେ କିଛି କ୍ଷତିକାରକ ଜୀବାଣୁ ସହ କିଛି ଭଲ ଜୀବାଣୁ କି ବି ଶୋଷିନିଏ। ଏହାଦ୍ୱାରା ପାଣିରେ ଉପଲ୍ବଧ ଥିବା ମିନେରାଲ , ଯିଏ କି ଆମ ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ ହୋଇଥାଏ, ତାହା ମିଳି ନଥାଏ। ଏହି ଜୀବାଣୁ ଆମ ପେଟ ସମସ୍ୟାରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଏହା ବ୍ୟତିତ ଆରଓ ପ୍ୟୁରିଫାୟାର ରୁ ସଫା ହେଉଥିବା ପାଣି ଏସିଡିକ୍ ହୋଇପାରେ। କାରଣ ପାଣିକୁ ଶୁଦ୍ଧ କରୁଥିବା ଏହି ପ୍ରକ୍ରିୟା ସମୟରେ ଏହା ପାଣିରେ ଉପଲ୍ବଧ ଥିବା ଅଣୁ ଜୀବଙ୍କ ଦ୍ୱାରା କ୍ଷରିତ ପରମାଣୁକୁ ବି ନଷ୍ଟ କରିଦିଏ। ଫଳରେ ପାଣି ଏସିଡିକ୍ ହୋଇଯାଏ। ଏହା ମଧ୍ୟ ଶରୀର ପାଇଁ ଲାଭକାରୀ ନୁହେଁ।

## ଅବସାଦ, ଶୀଘ୍ର ଆମନ୍ତ୍ରଣ କରେ ବୃଦ୍ଧାବସ୍ଥାକୁ



ମାନସିକ ରୋଗ ବା ପୋଷ୍ଟ ଟ୍ରାମେଟିକ୍ ଷ୍ଟ୍ରେସ୍ ଡିସଅର୍ଡର( ପିଟିଏସଡି) ରେ ପୀଡିତ ଲୋକଙ୍କୁ ସମୟ ପୂର୍ବରୁ ବୃଦ୍ଧାବସ୍ଥା ଆସିଯାଇଥାଏ। ଏକ ନୂଆ ଗବେଷଣାରୁ ଏହି କଥା ପଦାକୁ ଆସିଛି ଯେ ପିଟିଏସଡି କେତେକ ମାନସିକ ବିକାର ଯେପରି ଗମ୍ଭୀର ଅବସାଦ, କ୍ରୋଧ, ଅନିଦ୍ରା, ଖାଦ୍ୟ-ପାନୀୟ ସମ୍ବନ୍ଧୀ ରୋଗ ତଥା ମାଦକ ଦ୍ରବ୍ୟ ସହିତ ଜଡିତ ବ୍ୟାଧି ଅଟେ। ୟୁନିଭର୍ସିଟି ଅଫ କ୍ୟାଲିଫର୍ଣ୍ଣିଆର ପ୍ର. ଦିଲ୍ଲିପ ବି. ଜେଷ୍ଟେଙ୍କ ମୁତାବିକ ସମୟ ପୂର୍ବରୁ ବୃଦ୍ଧାବସ୍ଥା ଆସିବାର ଏହିସବୁ କାରଣ ଦାୟୀ ହୋଇପାରନ୍ତି। ସାଇକେଟ୍ରି ର ପ୍ରଫେସର ଜେମସ ବି. ଲୋହର କହିଛନ୍ତି ସମୟ ପୂର୍ବରୁ ବୃଦ୍ଧାବସ୍ଥା ଆସିବା ପାଇଁ ପିଟିଏସଡି ଏକମାତ୍ର କାରଣ ନୁହେଁ , ହେଲେ ଏହା ସୂଚନା ଦିଏ ଯେ ପିଟିଏସଡ଼ି ଉପରେ ପୁଣି ଥରେ ଗମ୍ଭୀର ବିଚାର କରାଯିବା ଉଚିତ। କାରଣ ଏହାଲ ମାନସିକ ରୋଗ ଠାରୁ କିଛି ଅଧିକ।

## ୨ ପ୍ରକାର ନୁହେଁ ୫ ପ୍ରକାରର ହୋଇଥାଏ ମଧୁମେହ



ସାଧାରଣତଃ ଆପଣଙ୍କୁ ଜଣାଥିବ ଯେ ମଧୁମେହ, ୨ପ୍ରକାରର ବୋଲି । ହେଲେ ଜାଣିଲେ ଚକିତ ହେବେ ମଧୁମେହ ପ୍ରକୃତରେ ୨ ନୁହେଁ ୫ ପ୍ରକାରର ଅଟେ। ଏହି କଥା ଗବେଷକ କହିଛନ୍ତି। ହେଲେ ଜଣେ ବ୍ୟକ୍ତି ସମୟ ଥାଇ ସଚେତନ ହେଲେ ଏହାକୁ ନିୟନ୍ତ୍ରଣ ରେ ବି ରଖିପାରିବ।

ବିଶେଷଜ୍ଞଙ୍କ କହିବା ଅନୁସାରେ, ଟାଇପ ୧ ରୋଗୀଙ୍କୁ ପ୍ରତିରକ୍ଷା ତନ୍ତ୍ର ସମ୍ବନ୍ଧୀୟ ଗମ୍ଭୀର ରୋଗ ଶ୍ରେଣୀରେ ରଖିବା ଉଚିତ। ଟାଇପ୍ ୨ ରୋଗୀଙ୍କୁ ୪ ଶ୍ରେଣୀରେ ବିଭାଜନ କରିବା ଉଚିତ। ଏହା ଦୁଇଟି ଗମ୍ଭୀର ଓ ଦୁଇଟି ସାଧାରଣ ଶ୍ରେଣୀର ଅଟେ। ବିଶେଷଜ୍ଞ କହନ୍ତି, ପ୍ରଥମ ଶ୍ରେଣୀରେ ଗମ୍ଭୀର ରୂପ କମ୍ ଇନସୁଲିନ୍ ଉତ୍ପାଦନ କରୁଥିବା ଏବଂ ସାମାନ୍ୟ ରୂପରେ ସନ୍ତୁଳନ ପ୍ରତି ପ୍ରତିରୋଧ ଭଳି ରୋଗୀଙ୍କୁ ରଖିବା ଉଚିତ। ଦ୍ୱିତୀୟ ଗମ୍ଭୀର ଇସଲୁଲିନ୍ ପ୍ରତି ପ୍ରତିରୋଧି ମଧୁମେହର ସମ୍ବନ୍ଧ ଓଜନ ବୃଦ୍ଧି ସହିତ ରହିଛି। ଏଥିରେ ମୋଟା ବ୍ୟକ୍ତି ମାନଙ୍କୁରଖାଯାଏ। ଏହା କମ ବୟସ ର ବ୍ୟକ୍ତି ମାନଙ୍କୁ ହୋଇଥାଏ।

୧୪୭୭୫ ମଧୁମେହ ରୋଗୀଙ୍କୁ ନେଇହୋଇଥିବା ଗବେଷଣା ପରେ ଏହା ଜଣାପଡିଛି। ଏଥିରୁ ଜଣାଗଲା ମଧୁମେହ ରୋଗୀଙ୍କୁ ୫ ଭାଗରେ ବିଭକ୍ତ କରାଯାଇପାରେ।ଏହା କୁ ଚିହ୍ନଟ କରିଲେ ଚିକିତ୍ସା ସହଜ ହୋଇପାରିବ। ହେଲେ ଏବେ ସୁଧା ରକ୍ତ ନମୁନାରୁ ମଧୁମେହ ଯାଂଚ କରାଯାଉଥିବା ବେଳେ ଏହାର ବିକଳ୍ପ ବି ଏବେ ବାହାରିଲାଣି। ଏହା ଦ୍ୱାରା ଛୁଞ୍ଚି ର ବ୍ୟବହାର ହେବ ନାହିଁ। ଲୁହ ରୁ ମଧୁମେହ ର ଯାଂଚ କରିହେବ। ନୂଆ ସ୍ମାର୍ଟ ଲେନ୍ସରେ ଇଲେକ୍ଟ୍ରୋଡର ବ୍ୟବହାର କରାଯାଇଛି। ଏଥିରେ ଗ୍ଲୁକୋଜ ସେନ୍ସର ସହିତ ଏଲଇଡି ପିକ୍ସେଲ ଏବଂ ୱାରଲେସ୍ ଆଣ୍ଟିନା ଲଗାଯାଇଛି। ବୈଜ୍ଞାନିକ ଏହି ପରୀକ୍ଷା ଠେକୁଆ ଠାରେ କରି ତଥ୍ୟ ପ୍ରକାଶ କରିଛନ୍ତି।



# ଆଇପିଏଲ୍ ନିଲାମ: ଈଶାନ କିଶନ ସବୁଠୁ ଦାମୀ




ଈଶାନ କିଶନ ୧୫.୨୫ କୋଟି

ବେଙ୍ଗାଲୁରୁ : ବେଙ୍ଗାଲୁରୁରେ ପୁଣି ବସିଛି ଖେଳାଳି ହାଟ । ବିଶ୍ୱର ସବୁଠାରୁ ଧନୀ ତଥା ଚର୍ଚ୍ଚିତ ଟ୍ୱେଣ୍ଟି-୨୦ ଲିଗ୍ ଆଇପିଏଲ୍ ପାଇଁ ହୋଇଛି କ୍ରିକେଟର୍ କିଣାବିକା । ବହୁ ପ୍ରତୀକ୍ଷିତ ଦୁଇ ଦିନିଆ ନିଲାମର ପ୍ରଥମ ଦିନରେ ଝାଡଖଣ୍ଡର ୱିକେଟ୍ ରକ୍ଷକ ବ୍ୟାଟ୍ସମ୍ୟାନ୍ ଈଶାନ କିଶନ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି । ତାଙ୍କୁ ତାଙ୍କ ପୁରୁଣା ଦଳ ମୁମ୍ବାଇ ଇଣ୍ଡିଆନ୍ସ ୧୫.୨୫ କୋଟି ଟଙ୍କାର ଆଖି ଖୋସି ହୋଇଗଲା ଭଳି ଦରରେ କିଣି ନେଇଛି । ଯୁବରାଜ ସିଂହ (୧୬ କୋଟି)ଙ୍କ ପରେ ୨୩ ବର୍ଷୀୟ ଈଶାନ ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଦାମୀ ଭାରତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି । ମୋଟ ଉପରେ କ୍ରିସ୍ ମୋରିସ୍ (୧୬.୫ କୋଟି), ଯୁବରାଜ ଏବଂ ପ୍ୟାଟ୍ କମିନ୍ସ (୧୫.୫ କୋଟି)ଙ୍କ ପରେ ଆଇପିଏଲ୍ ନିଲାମର ଚତୁର୍ଥ ଦାମୀ ଖେଳାଳି ହୋଇଛନ୍ତି ସେ ।

ସେପଟେ ରାଜସ୍ଥାନ ପକ୍ଷରୁ ରଣଜୀ ଖେଳୁଥିବା ଦ୍ରୁତ ବୋଲର ଅଲରାଉଣ୍ଡର ଦୀପକ ଚହର ଆଇପିଏଲ୍ ଇତିହାସର ସବୁଠାରୁ ଦାମୀ ଭାରତୀୟ ବୋଲର ହେବାର କୀର୍ତ୍ତିମାନ କରିଛନ୍ତି । ପ୍ରତିଦ୍ୱନ୍ଦ୍ୱୀ ଦଳଗୁଡ଼ିକଠାରୁ କଡା ଟକ୍କର ପାଇବା ସତ୍ତ୍ୱେ ୧୪ କୋଟି ଟଙ୍କା ଦେଇ ଚେନ୍ନାଇ ସୁପରକିଙ୍ଗ୍ସ ଚହରଙ୍କୁ ପୁଣି ଥରେ ନିଜ ଦଳରେ ସାମିଲ କରିଛି । ଭାରତୀୟ ଅନ୍ତର୍ଜାତୀୟ ବ୍ୟାଟର୍ ଶ୍ରେୟସ୍ ଆୟରଙ୍କୁ କୋଲକାତା ନାଇଟ୍ ରାଇଡର୍ସ ୧୨.୨୫ କୋଟି ଟଙ୍କାରେ କିଣିବା ଶନିବାର ନିଲାମର ଅନ୍ୟତମ ଆକର୍ଷଣ ଥିଲା । ଈଶାନ, ଚହର ଓ ଶ୍ରେୟସଙ୍କ ସହ ହର୍ଷଲ ପଟେଲ, ୱାନିନ୍ଦୁ ହସରଙ୍ଗା, ଶାର୍ଦ୍ଦୁଳ ଠାକୁର, ନିକୋଲାସ ପୂରନ, ଲୋକି ଫର୍ଗୁସନ୍, ଅଭେସ ଖାନ୍ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ୧୦ ଜଣ ଖେଳାଳି ୧୦ କୋଟି କିମ୍ବା ତାଠାରୁ ଅଧିକ ଟଙ୍କାରେ ବିକ୍ରି ହୋଇଥିଲେ । ମଧ୍ୟପ୍ରଦେଶର ୨୬ ବର୍ଷୀୟ ଦ୍ରୁତ ବୋଲର ଅଭେସ ଖାନ୍ (ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍ସ, ୧୦ କୋଟି) ଆଇପିଏଲ୍ ଇତିହାସର ସବୁଠାରୁ ଦାମୀ ଅନକ୍ୟାପ୍ଡ୍ ବା ଅଣଅନ୍ତର୍ଜାତୀୟ ଖେଳାଳି ହେବାର ବିରଳ କୀର୍ତ୍ତିମାନର ଅଧିକାରୀ ହୋଇଥିଲେ । ହସରଙ୍ଗା ଓ ପୂରନ ପ୍ରତ୍ୟେକ ୧୦ କୋଟି ୭୫ ହଜାର ଟଙ୍କା ଲେଖାଏଁ ପାଇବା ପରେ ଯୁଗ୍ମଭାବେ ଦାମୀ ବିଦେଶୀ ଖେଳାଳି ହେବାର ଗୌରବ ହାସଲ କରିଥିଲେ ।

ଘରୋଇ କ୍ରିକେଟରଙ୍କ ମଧ୍ୟରେ ଶାହରୁଖ ଖାନ୍ ଏବଂ ରାହୁଲ ତ୍ରିପାଠୀ ନିଜ ନିଜ ମୂଳଦରର ୨୦ଗୁଣରୁ ଅଧିକ ଦରରେ ବିକ୍ରି ହୋଇଥିଲେ । ଦିଲ୍ଲୀ ଓପନର ଶିଖର ଧାୱନ ପ୍ରଥମ ଖେଳାଳି ଭାବେ ୮.୨୫ କୋଟି ଟଙ୍କାରେ ନିଲାମ ହୋଇଥିଲେ । ତାଙ୍କୁ କିଙ୍ଗ୍ସ ଏକାଦଶ ପଞ୍ଜାବ କିଣିଥିଲା । ନିଲାମ ପାଇଁ ଆସିଥିବା ଶେଷ ଖେଳାଳି ଥିଲେ ନେପାଳର ସନ୍ଦୀପ ଲାମିଚ୍ଛାନେ । ନିଲାମର ପ୍ରଥମ ଦିନରେ ମୋଟ ୭୪ ଖେଳାଳି ନିଲାମ ହୋଇଥିଲେ ।

୮ ପୁରୁଣା ଦଳ ସହ ଦୁଇ ନୂଆ ଦଳ ଗୁଜରାଟ ଟାଇଟନ୍ସ ଏବଂ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍ସ ବିଶ୍ୱ କ୍ରିକେଟ୍‌ର ସବୁଠାରୁ ଚର୍ଚ୍ଚିତ ଖେଳାଳି ହାଟରେ କିଣାକିଣି କରିବା ଦୀର୍ଘ ୪ ବର୍ଷ ପରେ ହୋଇଥିବା ଏହି ମେଗା ନିଲାମକୁ ଅଧିକ ରୋଚକ କରିଥିଲା । ସୁରେଶ ରାଇନା, ସକିବ-ଅଲ-ହାସନ, ଷ୍ଟିଭେନ୍ ସ୍ମିଥ୍, ମହମ୍ମଦ ନିବି, ମାଥ୍ୟୁ ୱାଡେ, ଋଦ୍ଧିମାନ ସାହ, ଉମେଶ ଯାଦବ, ଇମ୍ରାନ ତାହିର ଓ ଅମିତ ମିଶ୍ରାଙ୍କ ଭଳି ଖେଳାଳି ବିକ୍ରି ନହେବା ସେମାନଙ୍କ ପ୍ରଶଂସକଙ୍କୁ ନିରାଶ କରିଥିଲା । ଏକାଧିକ ସ୍ୱଳ୍ପ ପରିଚିତ ଖେଳାଳି ଶନିବାର ନିଲାମ ପରେ ରାତାରାତି କୋଟି ପତି ପାଲଟି ଯାଇଥିଲେ । ଏମାନଙ୍କ ମଧ୍ୟରେ ଭାରତୀୟ ଯୁବ ବୋଲର ହର୍ଷଲ ପଟେଲ ଏବଂ ବ୍ୟାଟର୍ ନୀତୀଶ ରାଣା ପ୍ରମୁଖ ଥିଲେ । ନିଲାମକାରୀ ହ୍ୟୁଗ୍ ଏଡମେ... ହଠାତ୍ ମଞ୍ଚ ଉପରେ ଅଚେତ ହେବା ବିସିସିଆଇ ସହ କ୍ରିକେଟ୍‌ପ୍ରେମୀ ଏବଂ ଫ୍ରାଞ୍ଚାଇଜଙ୍କୁ କିନ୍ତୁ ଚିନ୍ତାରେ ପକାଇଥିଲା ।

ନିଲାମ ଆରମ୍ଭରୁ ପଞ୍ଜୀକୃତ ଖେଳାଳି ସଂଖ୍ୟା ୫୯୦ରୁ ୬୦୦କୁ ବଢ଼ିବାର ସୂଚନା ଦେଇଥିଲେ ଆଇପିଏଲ୍ ମୁଖ୍ୟ ବ୍ରିଜେଶ ପଟେଲ । ଏହା ପରେ ୧୦ଟି ଯାକ ଦଳର ପ୍ରତିନିଧିଙ୍କ କରତାଳି ଭିତରେ ଆରମ୍ଭ ହୋଇଥିଲା ନିଲାମ । ପ୍ରଥମ ଦିନର ଘଟଣା ବହୁଳ ନିଲାମ ପ୍ରକ୍ରିୟା ଭଳି ରବିବାର ଦ୍ୱିତୀୟ ଦିନ ମଧ୍ୟ ବେଶ୍ ରୋମାଞ୍ଚକର ରହିବ ବୋଲି ଆଶା ରଖିଛନ୍ତି କ୍ରିକେଟ୍ ସମର୍ଥକ । ବିକ୍ରି ହୋଇ ନଥିବା ଖେଳାଳିଙ୍କ ପାଇଁ ରବିବାର ଆଉ ଏକ ସୁଯୋଗ ବି ରହିବ । ନିଲାମ ଟେବୁଲରେ ସୁପରଷ୍ଟାର ଶାହରୁଖ ଖାନଙ୍କ ପୁଅ ଅର୍ଯ୍ୟନ, ଝିଅ ସୁହାନା, ଅଭିନେତ୍ରୀ ଜୁହି ଚାୱଲାଙ୍କ ଝିଅ ଜାହ୍ନବୀ ରହିବା ପ୍ରମୁଖ ଆକର୍ଷଣ ଥିଲା ।



ଶ୍ରେୟସ ଆୟର
୧୨.୨୫ କୋଟି

# ଲତା ମଙ୍ଗେସକରଙ୍କୁ ଝୁରୁଛନ୍ତି ରାୱଲପିଣ୍ଡି ଏକ୍ସପ୍ରେସ

ନୂଆଦିଲ୍ଲୀ : ଲତା ମଙ୍ଗେସକରଙ୍କ ମୃତ୍ୟୁ ପରେ ସମଗ୍ର ଦେଶ ତାଙ୍କୁ ଓଦା ଆଖିରେ ବିଦାୟ ଦେଇଛି । ତାଙ୍କର ପ୍ରଶଂସକମାନେ ସମଗ୍ର ବିଶ୍ୱରେ ବ୍ୟାପିଛନ୍ତି । ପଡୋଶୀ ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଠାରୁ ଆରମ୍ଭ କରି ସଙ୍ଗୀତ ଏବଂ କ୍ରୀଡ଼ା ବ୍ୟକ୍ତିତ୍ୱ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି । ପାକିସ୍ତାନୀ କ୍ରିକେଟର ଶୋଏବ ଅଖତର କିମ୍ବଦନ୍ତୀ ଗାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଫୋନରେ ତାଙ୍କ ସହ ହୋଇଥିବା ବାର୍ତ୍ତାଳାପକୁ ମନେ ପକାଇଥିଲେ ।କେବଳ ଏତିକି ନୁହେଁ ସେ କ୍ରିକେଟ୍ ବିଷୟରେ ମଧ୍ୟ ତାଙ୍କ ସହ କଥା ହୋଇଥିଲେ । ସଚିନଙ୍କ ସହ ତାଙ୍କ ମ୍ୟାଚ୍ ବିଷୟରେ କିଛି ଉଲ୍ଲେଖ କରିଛନ୍ତି । ଶୋଏବ ଅଖତର କହିଛନ୍ତି ଯେ ସେ ଲତା ମଙ୍ଗେଶକରଙ୍କୁ କେବେ ଭେଟି ପାରିବେ ନାହିଁ ବୋଲି ସେ ଦୁଃଖୀତ ।ଶୋଏବ ଅଖତର କହିଛନ୍ତି ଯେ ଲତା ମଙ୍ଗେଶକର ତାଙ୍କୁ ଊର୍ଦ୍ଧ୍ୱରେ ପ୍ରଶଂସା କରିଛନ୍ତି । ଯେତେବେଳେ ଲତା ମଙ୍ଗେଶକର ତାଙ୍କ ସହ ଫୋନରେ କଥା ହୋଇଥିଲେ ସେତେବେଳେ ସେ ତାଙ୍କୁ ମା ବୋଲି ଡାକିବା ଉଚିତ ବୋଲି କହିଥିଲେ । ଶୋଏବ ଅଖତର ଏହି କଥା ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି ।ଶୋଏବ କୁହନ୍ତି, ସେ ମୋତେ ପଚାରିଲେ ତୁମେ କେମିତି ଅଛ ? ମୁଁ କହିଲି ମୁଁ ଭଲ ଲତା ଜୀ, ତୁମେ କେମିତି ଅଛ ? ତେଣୁ ସେମାନେ ପୁଅ କୁହନ୍ତି, ତୁମେ ମୋତେ ମା ବୋଲି ଡାକିବା ଭଲ । ସେ ମୋତେ କହିଛନ୍ତି ମୁଁ ତୁମର ଅନେକ ମ୍ୟାଚ୍ ଦେଖିଛି । ସଚିନଙ୍କ ସହିତ ତୁମର ମ୍ୟାଚ୍ ଦେଖିଛି । ତୁମର କ୍ରୋଧ ବହୁତ ପ୍ରସିଦ୍ଧ ।






# ଓଡିଆ କ୍ଷୁଦ୍ର ଚଳଚ୍ଚିତ୍ର ଡାହାଣୀର ସ୍ୱତନ୍ତ୍ର ସ୍କ୍ରିନିଂ

ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ଓଡିଆ କ୍ଷୁଦ୍ର ଚଳଚ୍ଚିତ୍ର ଡାହାଣୀର ସ୍ୱତନ୍ତ୍ର ସ୍କ୍ରିନିଂ ଅନୁଷ୍ଠିତ ହୋଇଯାଇଛି । ସତ୍ୟବ୍ରତ ସାନୁ ରଥଙ୍କ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଯୁବ ତଥା ଉଦୀୟମାନ ନିର୍ଦ୍ଦେଶିକା ଶୁଭସ୍ମିତା ଜେନା । ପ୍ରିଲ୍ୟୁଡ୍ ପ୍ରଡକ୍ସନ୍ସ ଏବଂ କାବେରୀ ଫିଲ୍ମ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ୩୫ ମିନିଟ୍ ଅବଧି ବିଶିଷ୍ଟ ମହିଳା କୈନ୍ଦ୍ରିକ ଏହି ଚଳଚ୍ଚିତ୍ରଟି ଫୁଲ ନାମକ ଜଣେ ଆଦିବାସୀ ମହିଳାର ଅକୁହା କଥାକୁ ପରିପ୍ରକାଶ କରିଛି । ମୀରା ନାମ୍ନୀ ଜଣେ ସରକାରୀ ଅଧିକାରୀ ଓଡିଶାର ଏକ ଅପହଂଚ ଆଦିବାସୀ ଗ୍ରାମରେ ନିଯୁକ୍ତି ପାଇଥିଲେ । ସର୍ବଦା ହସହସ ଦିଶୁଥିବା ତାଙ୍କର ଯୁବ ଆଦିବାସୀ ଚାକରାଣୀ ଫୁଲ, ଘରୋଇ ହିଂସାର ଶିକାର ହେଉଥିବାର ଦେଖି ସେ ନିରାଶ ହୋଇଥିଲେ । ପରେ ଫୁଲ ଦେହରେ ଏକ ମନ୍ଦ ଆତ୍ମା ପ୍ରବେଶ କରିଥିବାର ବିଶ୍ୱାସରେ ଆଦିବାସୀ ସମ୍ପ୍ରଦାୟର ପୂଜକଙ୍କ ଦ୍ୱାରା ତାକୁ ସାମାଜିକ ବାସନ୍ଦ କରାଯାଇଥିଲା ଏବଂ ଏହି ଦୁଃଖଦ ଅବସ୍ଥାକୁ ମୀରା ଏକ ଅସହାୟ ଦର୍ଶକ ପରି ଦେଖି ଚାଲିଥିଲେ । ଆଦିବାସୀ ସମ୍ପ୍ରଦାୟ ପ୍ରାଚୀନ କାଳରୁ ସେମାନଙ୍କୁ ପ୍ରଭାବିତ କରୁଥିବା ଅଲୌକିକ ଶକ୍ତି ଉପରେ ବିଶ୍ୱାସ କରୁଥିବାର ଦେଖି ମୀରା ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ । ତଥାପି, ଯୁଗ ଯୁଗ ଧରି ପ୍ରଚଳିତ ଏହି ଅନ୍ଧବିଶ୍ୱାସର ପ୍ରଥାକୁ ପ୍ରତିରୋଧ, ମୁକାବିଲା ଏବଂ ମୁକ୍ତିର ଏକ ଉପକରଣ ଭାବରେ ନିୟୋଜିତ କରାଯାଇପାରିବ କି ନାହିଁ ଏହି ପ୍ରଶ୍ନର ଅନୁସନ୍ଧାନରେ ଚଳଚ୍ଚିତ୍ରଟି ଏକ ଭିନ୍ନ ମୋଡ ସହ ପରିସମାପ୍ତ ହୋଇଛି । ନୂତନ ପୀଢ଼ିର ପ୍ରାଯୁକ୍ତିକ ଏବଂ କଳାକାରମାନଙ୍କୁ ସୁଯୋଗ ପ୍ରଦାନ କରିବାରେ ସର୍ବଦା ବିଶ୍ୱାସ ରଖୁଥିବା ଶ୍ରୀଯୁକ୍ତ ରଥ କହିଥିଲେ, “ଏହିପରି ପ୍ରତିଭାଶାଳୀ ମହିଳା ନିର୍ଦ୍ଦେଶିକାମାନେ ଏକ ନୂତନ ଦୃଷ୍ଟିକୋଣକୁ ନେଇ ମହିଳା କୈନ୍ଦ୍ରିକ ଚଳଚ୍ଚିତ୍ର ନିର୍ମାଣ କରିବା ନିମନ୍ତେ ଆଗେଇ ଆସିବା ଅତ୍ୟନ୍ତ ଆନନ୍ଦଦାୟକ । ଆମର ଆଶା ଏହା ଅନ୍ୟ ଆଶାନ୍ୱିତ ସୃଷ୍ଟିକର୍ତ୍ତାମାନଙ୍କୁ ଆଗକୁ ଆସି ଚଳଚ୍ଚିତ୍ର ମାଧ୍ୟମରେ କିଛି ନୂଆ କରିବାକୁ ପ୍ରେରଣା ଯୋଗାଇ ଦେବ । ଡାହାଣୀର ସାମାଜିକ ବାର୍ତ୍ତା ନିଶ୍ଚିତ ଭାବରେ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିବ ।” ସ୍କ୍ରିନିଂ ପାଇଁ ଉତ୍ସାହିତ ହୋଇ ଶୁଭସ୍ମିତା କହିଥିଲେ, “ଏହି ଚଳଚ୍ଚିତ୍ରର ନିର୍ମାଣ ଅତ୍ୟନ୍ତ ବ୍ୟସ୍ତବହୁଳ ହେବା ସହ ୩୬୫ ଦିନର ଆକର୍ଷଣୀୟ ଯାତ୍ରାରେ ନିର୍ମିତ ହୋଇଛି । ମୋର ଏବଂ ମୋ କାର୍ଯ୍ୟ ଉପରେ ବିଶ୍ୱାସ ରଖିଥିବା ଦଳର ସମସ୍ତ ସଦସ୍ୟ ଏବଂ ପ୍ରିଲ୍ୟୁଡ୍ ପ୍ରଡକ୍ସନ୍ସକୁ ମୋର ଅଶେଷ ଧନ୍ୟବାଦ । ଚଳଚ୍ଚିତ୍ର ଉପରେ ଦର୍ଶକଙ୍କର ସଠିକ୍ ସମୀକ୍ଷାକୁ ମୁଁ ଉତ୍ସାହର ସହିତ ଅପେକ୍ଷା କରିଛି ।




# ଚଳଚ୍ଚିତ୍ର ‘ସଲାମ ଭେଙ୍କି’ର ସୁଟିଂ ଆରମ୍ଭ କଲେ କାଜୋଲ

ବଲିଉଡ ଅଭିନେତ୍ରୀ କାଜୋଲ ତାଙ୍କର ଆଗାମୀ ଚଳଚ୍ଚିତ୍ର “ସଲାମ ଭେଙ୍କି” ର ସୁଟିଂ ଆରମ୍ଭ କରିଛନ୍ତି । ଏହି ବିଷୟରେ ସୂଚନା ଦେଇ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ନିର୍ଦ୍ଦେଶକ ରେବତୀ ଏବଂ ଟମ୍ର ଅନ୍ୟ ସଦସ୍ୟଙ୍କ ସହ ଏକ ଫଟୋ ସେୟାର କରିଛନ୍ତି । ଇନଷ୍ଟାଗ୍ରାମରେ ଏହି ପୋଷ୍ଟ ସେୟାର କରି କାଜୋଲ ଲେଖିଛନ୍ତି, “ଆଜି ଆମେ ଏକ ନୂତନ କାହାଣୀର ଯାତ୍ରା ଆରମ୍ଭ କରିବାକୁ ଯାଉଛୁ । ଏହା ଏକ କାହାଣୀ, ଯାହାକୁ ଲୋକମାନେ କହିବା ଉଚିତ୍, ଏକ ରାସ୍ତା ଯାହାକୁ ନିଆଯିବାର ଥିଲା ଏବଂ ଜୀବନ ଯାହାକୁ ପାଳନ କରାଯିବାର ଥିଲା । ଆମେ ଏହି ଅବିଶ୍ୱସନୀୟ ସତ୍ୟ ବାଣ୍ଟିବାକୁ ଅତ୍ୟଧିକ ଉତ୍ସାହିତ ଅଛୁ । ‘ସଲାମ ଭେଙ୍କି’ ସୂଚନା ଅନୁଯାୟୀ ସଲାମ ଭେଙ୍କିର କାହାଣୀ ଏକ ମାଆର ସଂଘର୍ଷକୁ ଆଲୋକିତ କରିଥାଏ, ଯାହାକୁ କଠିନ ପରିସ୍ଥିତି ଦେଇ ଗତି କରିବାକୁ ପଡୁଥିଲା ।କାହାଣୀଟି ବାସ୍ତବ ଜୀବନର ଘଟଣା ଉପରେ ଆଧାରିତ ।ଏହାପୂର୍ବରୁ ଏହି ଚଳଚ୍ଚିତ୍ରର ନାମ ଥିଲା ‘ଦି ଲାଷ୍ଟ ହୁରେ’ । ଏକ ଗଣମାଧ୍ୟମ କଥାବାର୍ତ୍ତା ସମୟରେ ରେବତୀ କହିଥିଲେ ଯେ ‘ଦ ଲାଷ୍ଟ ହୁରେ’ରେ ସୁଜାତାଙ୍କ ଯାତ୍ରା ମୋ ହୃଦୟର ଅତି ନିକଟତର । ଏହା କେବଳ ତୁମ ସମସ୍ତଙ୍କୁ ସଂଯୋଗ କରିବ ନାହିଁ, ବରଂ ଆପଣଙ୍କୁ ପ୍ରେରଣା ମଧ୍ୟ ଦେବ । ଯେତେବେଳେ ସୋରାଜ, ଶ୍ରଦ୍ଧା ଏବଂ ମୁଁ ଏହି ଚଳଚ୍ଚିତ୍ର ବିଷୟରେ ଆଲୋଚନା କରୁଥିଲୁ ।କାଜୋଲ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ଆମ ମନକୁ ଆସିଥିଲେ । ସଲାମ ଭେଙ୍କି ସୁରଜ ସିଂ, ଶ୍ରଦ୍ଧା ଅଗ୍ରୱାଲ ଏବଂ ଭର୍ସା । କୁକ୍‌ରେଜାଙ୍କ ଦ୍ୱାରା ବ୍ଲେଭ୍ ପ୍ରଡକ୍ସନ୍ସ ଏବଂ ୨୩ଟି ଷ୍ଟୁଡିଓ ଦ୍ୱାରା ପ୍ରସ୍ତୁତ ହେଉଛି ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ...

ଶ୍ରୀ ରାମଚନ୍ଦ୍ର ବେହେରାଙ୍କ ନାମରେ ଅନେକ ଅଭିଯୋଗ ରହିଥିଲା । ଅପାରଗତା ଓ ବିଶୃଙ୍ଖଳ ଆଚରଣ ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।ସେହିପରି କେନ୍ଦୁଝର ଜିଲ୍ଲା ସଦର ତହସିଲଦାରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ରେଭିନ୍ୟୁ ସୁପରଭାଇଜର (Revenue Supervisor) ଶ୍ରୀ ହୃଦାନନ୍ଦ ସାହୁଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି । ଜମିଜମା ମାପଚୁପ ସମୟରେ ଜଣେ ବ୍ୟକ୍ତିଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଦାବୀ କରି ଗ୍ରହଣ କରୁଥିବା ବେଳେ, ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ । ଅସାଧୁ କାର୍ଯ୍ୟକଳାପ ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ମୋ ସରକାର ତଥା ଅନ୍ୟ ସୂତ୍ରରୁ ମିଳିଥିବା ଲରରୟଭବମଳକୁ ମଧ୍ୟ ବିଚାର କୁ ନିଆଯାଇ କାର୍ଯାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ନିକଟରେ ଜଣେ ବରିଷ୍ଠ ଭାରତୀୟ ବନସେବା ଅଧିକାରୀ ଓ ଜଣେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର କରିଛନ୍ତି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୪୬ ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି ।

### ଓଡ଼ିଶାରେ ବିଧାନ ପରିଷଦ ...

୨୦୧୮ ମସିହା ସେପ୍ଟେମ୍ବର ୫ ତାରିଖରେ ସମସ୍ତ ବିଧାୟକ, ବିଧାୟିକାଙ୍କ ମଧ୍ୟରେ ବଂଟା ଯାଇଥିଲା । ତା. ୦୬/୦୯/୨୦୧୮ରିଖରେ ଏହି ପ୍ରସ୍ତାବ ବିଧାନସଭାରେ ଆଲୋଚନା ହୋଇ ଭୋଟିଂ ହୋଇଥିଲା । ପ୍ରସ୍ତାବଟିକୁ ଦୁଇ ତୃତୀୟାଂଶରୁ ଅଧିକ ସଭ୍ୟସଭ୍ୟା ଉପସ୍ଥିତ ରହି ଭାରତୀୟ ସମ୍ବିଧାନର ଧାରା ୧୬୯(୧) ଅନୁଯାୟୀ ଗ୍ରହଣ କରାଯାଇଥିଲା । ବିଧାନସଭାରେ ଥିବା ୧୪୭ ମଧ୍ୟରୁ ୧୦୪ ଜଣ ସମସ୍ତ ଦଳରୁ ବିଧାୟକ, ବିଧାୟିକା ଉପସ୍ଥିତ ରହି ସମସ୍ତେ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ । କେହି ବି ବିପକ୍ଷରେ ଭୋଟ ଦେଇ ନଥିଲେ ଏବଂ ପ୍ରସ୍ତାବଟି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ବିଧାନ ପରିଷଦ ଗଠନ ସକାଶେ ୧୮/୦୯/୨୦୧୮ ତାରିଖରେ ବିଧାନସଭାରେ ପାରିତ ପ୍ରସ୍ତାବର ନକଲ ସେକ୍ରେଟାରୀ ଜେନେରାଲ (ଲୋକସଭା) ଓ ସେକ୍ରେଟାରୀ ଜେନେରାଲ (ରାଜ୍ୟସଭା), ନୂଆଦିଲ୍ଲୀ, କେନ୍ଦ୍ର ସରକାରଙ୍କ ସଚିବ, ଆଇନ ଓ ନ୍ୟାୟ, ସଚିବ, ସଂସଦୀୟ ବ୍ୟାପାର, କମିଶନର ସଂସଦୀୟ ବ୍ୟାପାର ଓ ଓଡ଼ିଶା ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ କମିଶନର ତଥା ଶାସନ ସଚିବଙ୍କୁ ପ୍ରେରଣ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରାଳୟର ସଚିବଙ୍କଠାରୁ ଆରମ୍ଭ କରି ସଂସଦୀୟ ବ୍ୟାପାର ସଚିବ ପର୍ଯ୍ୟନ୍ତ ଚିଠି ପ୍ରେରଣ କଲାପରେ ମଧ୍ୟ ଗତକାଲି ଲୋକସଭାରେ ଏପରି ପ୍ରସ୍ତାବ ପାଇନଥିବା ଜଣାଇଥିବା ରାଜ୍ୟ ସରକାର, ବିଧାନସଭା ଓ ସର୍ବୋପରି ଓଡ଼ିଶାର ଜନସାଧାରଣଙ୍କୁ ଚକିତ କରିଛି । ତେଣୁ ଆଜି ଏ ସଂକ୍ରାନ୍ତରେ ଏକ ପ୍ରେସ୍ ବିବୃତିରେ ଏହା ଜଣାଇ ଦିଆଯାଇଛି ।

### ନିରନ୍ତର ବିକାଶ ...

ଏସ୍.ଡି.ଜି. ରାକିଂ(ranking)ରେ ଓଡ଼ିଶା ଏସ୍.ଡି.ଜି. -୧୩ ଏବଂ ୧୪ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ସେହିବର୍ଷ ଆକଳନ କରାଯାଇଥିବା ୧୬ଟି ଏସ୍.ଡି.ଜି. ମଧ୍ୟରୁ ଓଡ଼ିଶା ୯ଟି ରେ ଅଗ୍ରଣୀ ଏବଂ ଗୋଟିଏରେ ଦୃତ ପରିବର୍ତ୍ତନଶୀଳ ସ୍ଥିତିରେ ଥିଲା । ଇତି ମଧ୍ୟରେ ତ୍ୱରାନ୍ୱିତ ଏସ୍.ଡି.ଜି. ହାସଲ ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ରକଳ୍ପ ତତ୍ତ୍ୱାବଧାରକ ୟୁନିଟ୍ (ପି.ଏମ୍.ୟୁ.) ଗଠନ କରିଛନ୍ତି । ଏହି ୟୁନିଟ୍ ବର୍ତ୍ତମାନ ପୂର୍ଣ୍ଣ କ୍ରିୟାଶୀଳ ହୋଇଛି । କେତେକ ଏସ୍.ଡି.ଜି. ମାନକ ଆକଳନରେ ରାଜ୍ୟର ସମସ୍ତ ଉପଲବ୍ଧି ସଠିକ୍ ଭାବେ ପ୍ରତିଫଳିତ ହୋଇନଥିଲା । ଅନ୍ୟ କେତେକ ମାନକ ନିମନ୍ତେ ବ୍ୟବହାର କରାଯାଇଥିବା ତଥ୍ୟ ଅତି ପୁରୁଣା ଥିଲା କିମ୍ବା ତଥ୍ୟର ସଠିକତା ବିଷୟ ତନଖୀ କରାଯାଇନଥିଲା । ଏସ୍.ଡି.ଜି.-୪.୦ ରେ ଏସବୁ ବିଷୟପ୍ରତି ଧ୍ୟାନ ଦେବା ନିମନ୍ତେ ଶ୍ରୀ ଜେନା ନୀତି ଆୟୋଗଙ୍କୁ ଅନୁରୋଧ କରିଥିଲେ ।ନୀତି ଆୟୋଗର ଉପଦେଷ୍ଟା ଶ୍ରୀମତୀ ସଂଯୁକ୍ତା ସମାଦ୍ଦାର, ଏସ୍.ଡି.ଜି. ଅଧିକାରୀ ଶ୍ରୀ ସୌମ୍ୟ ଗୁହା ଏସ୍.ଡି.ଜି.-୪.୦ ନିମନ୍ତେ ପ୍ରସ୍ତାବିତ ମାନକ ବିଷୟରେ ଆଲୋଚନା କରିଥିଲେ । ଶ୍ରୀମତୀ ସମାଦ୍ଦାର କହିଥିଲେ ଯେ ଓଡ଼ିଶା ଏକ ଦୃତ ପରିବର୍ତ୍ତନଶୀଳ ରାଜ୍ୟ । ଏଠାରେ ଅନେକ ପ୍ରକ୍ରିୟାଗତ ସଂସ୍କାର ଏବଂ ଅଭିନବ କୌଶଳର ପ୍ରୟୋଗ କରାଯାଇଛି । ଏକ ପୂର୍ଣ୍ଣାଙ୍ଗ ଏସ୍.ଡି.ଜି. ଢାଞ୍ଚା ପ୍ରସ୍ତୁତିରେ ସର୍ବଦା ଓଡ଼ିଶାରୁ ସଠିକ୍ ପରାମର୍ଶ ମିଳିଛି ।

### ପଞ୍ଚାୟତ ନିର୍ବାଚନ...

ବିଶେଷ କରି ମହାବିଦ୍ୟାଳୟ କିମ୍ବା ଉଚ୍ଚ ବିଦ୍ୟାଳୟ କୋଠାଘରେ ମତଗଣନା କେନ୍ଦ୍ର ସ୍ଥାପନ କରାଯିବା ଉଚିତ ବୋଲି ନିର୍ଦ୍ଦେଶନାମାରେ ନିର୍ବାଚନ କମିଶନ ଉଲ୍ଲେଖ କରିଛନ୍ତି । ପ୍ରତ୍ୟେକ ମତଗଣନା କେନ୍ଦ୍ରରେ ପର୍ଯ୍ୟାପ୍ତ ସ୍ଥାନ ସହ ଅଲଗା ଅଲଗା ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ରହିବା ଉଚିତ । ଏତଦ୍‌ବ୍ୟତୀତ ମତଗଣନା କେନ୍ଦ୍ର ନିକଟରେ ଷ୍ଟ୍ରଙ୍ଗରୁମ୍ ନିମନ୍ତେ ଏକ ବଡ଼ କୋଠରୀ ରହିବା ଜରୁରୀ । ଏଠାରେ ଭୋଟ ଗ୍ରହଣ ପରେ ଭୋଟବାକ୍ସ ସହ ଭୋଟ ଗ୍ରହଣ ସଂପର୍କିତ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ରଖାଯିବ । ମତଗଣନା କେନ୍ଦ୍ର ଚିହ୍ନଟ କରିବା ସମୟରେ ସେଠାରେ ଆବଶ୍ୟକ ଚେୟାର, ଟେବୁଲ, ରାମ୍ପ, ପରିସ୍ରାଗାର ଓ ପାନୀୟଜଳର ସୁବିଧା ଦିଗରେ ଦୃଷ୍ଟି ଦେବା ଉଚିତ । ମତଗଣନା କାର୍ଯ୍ୟ ଅସ୍ଥାୟୀ ମତଗଣନା କେନ୍ଦ୍ରରେ କରାଯିବାକୁ ନିର୍ବାଚନ କମିଶନ ସଂପୂର୍ଣ୍ଣ ବାରଣ କରିଛନ୍ତି । ରାଜନୈତିକ ଦଳମାନେ ଯଦି ଚାହାନ୍ତି ଷ୍ଟ୍ରଙ୍ଗରୁମ୍ ର ବାହାରେ ନିର୍ଦ୍ଧାରିତ ସ୍ଥାନରେ ରହି ଭୋଟବାକ୍ସ ଥିବା ଷ୍ଟ୍ରଙ୍ଗରୁମ୍ କୁ ଜଗି ପାରିବେ ବୋଲି ନିର୍ବାଚନ କମିଶନ ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି । ମତଗଣନା କେନ୍ଦ୍ରରେ ଆଲୋକ ବ୍ୟବସ୍ଥା ସହ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ଜରୁରୀ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ପ୍ରଦାନ ନିମନ୍ତେ ପ୍ରତ୍ୟେକ ମତଗଣନା କେନ୍ଦ୍ରରେ ଆବଶ୍ୟକ ଡାକବାଜି ଯନ୍ତ୍ର (ମାଇକ)ର ବ୍ୟବସ୍ଥା କରିବା ଦରକାର । ଏକ ଆଦର୍ଶ ମତଗଣନା କେନ୍ଦ୍ରର ଆକାର ୩୫ ‘ଗୁଣା ୨୦’ ଫୁଟ ହେବା ଉଚିତ, ଯେଉଁଠାରେ ୮ଟି ଗ୍ରାମପଂଚାୟତର ଭୋଟଗଣତି ଗୋଟିଏ ହଲ୍ ରେ କରାଯାଇପାରିବ । ମତଗଣନା ଟେବୁଲ ସମ୍ମୁଖରେ ଏକ ବେଂଚରେ କାଉଂଟିଂ ଏଜେଂଟମାନଙ୍କ ବସିବା ପାଇଁ ବ୍ୟବସ୍ଥା କରାଯିବ । ମତଗଣନା କେନ୍ଦ୍ର ନିକଟ୍ଟେରେ ହୋଇଥିବା ଷ୍ଟ୍ରଙ୍ଗରୁମ୍ ଟି ୨୪ ଘଂଟିଆ ସିସିଟିଭି ନଜରରେ ରହିବ ।

### କାର୍ଯ୍ୟରେ ନିରପେକ୍ଷତା ...

ଠିକଣା ଏବଂ ସେମାନେ ବର୍ତ୍ତମାନ କଣ କରୁଛନ୍ତି ତାହାର ଏକ ଡାଟାବେସ୍ ପ୍ରସ୍ତୁତ କରିବ । ସ୍କୁଲ୍‌ସ୍ତରରେ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ ଏବଂ ଏହି କମିଟି ସ୍କୁଲ୍‌ରେ କ୍ରୀଡ଼ା, ବିଜ୍ଞାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବେ । ଏହାସହ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଟକ୍ ସେସନ୍, ମେଣ୍ଟରିଂ ଓ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ପ୍ରତି ସ୍କୁଲ୍‌ର ପୁରାତନ ଛାତ୍ରଛାତ୍ରୀ ସଂଘ ପକ୍ଷରୁ ସ୍କୁଲ୍ ଏବଂ ନିକଟସ୍ଥ ଅଂଚଳରେ ବୃକ୍ଷରୋପଣ, କିଚେନ୍ ଗାର୍ଡେନ୍ ଏବଂ ଅନ୍ୟାନ୍ୟ ଗୋଷ୍ଠୀ ସହଭାଗିତାଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

କୋଭିଡ୍-୧୯ ମହାମାରୀ ସମୟରେ ସ୍କୁଲ୍ ବନ୍ଦ ଥିବାରୁ ପଲାମାନଙ୍କ ପାଠପଢ଼ାରେ ଯେଉଁ ବ୍ୟାଘାତ ସୃଷ୍ଟି ହୋଇଛି ତାହାର ଭରଣା ପାଇଁ ୟୁନିସେଫ୍ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ସହଭାଗିତାରେ ଆସନ୍ତା ୨ ବର୍ଷ ପାଇଁ ମୋ ସ୍କୁଲ୍ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ । ପ୍ରଥମେ ପ୍ରାଥମିକ ବିଦ୍ୟାଳୟକୁ ଏବଂ ପରବର୍ତ୍ତୀ ସମୟରେ ମାଧ୍ୟମିକ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ସ୍ଥିର ହୋଇଛି ।

# ପୌର ନିର୍ବାଚନ ପ୍ରସ୍ତୁତି : ସର୍ବଦଳୀୟ ବୈଠକ ଡାକିଲେ ନିର୍ବାଚନ କମିଶନ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟର ୪୮ଟି ମୁନିସିପାଲଟି, ୫୯ଟି ବିଜ୍ଞାପିତ ଅଂଚଳ ପରିଷଦ ଓ ୩ଟି ମହାନଗର ନିଗମରେ ହେବାକୁ ଥିବା ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଏ ସମସ୍ତ ପୌରାଚଂଳଗୁଡିକର ସୀମା ନିର୍ଦ୍ଧାରଣ କାର୍ଯ୍ୟ ଓ ପଦବୀ ସଂରକ୍ଷଣ ବ୍ୟବସ୍ଥା ଇତ୍ୟାଦି କାର୍ଯ୍ୟ ଜାନୁଆରୀ ୩୧ ତାରିଖ ସୁଦ୍ଧା ଶେଷ ହୋଇଥିବା ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସର୍ବଦଳୀୟ ବୈଠକରେ ରାଜନୈତିକ ଦଳମାନଙ୍କୁ ଅବଗତ କରାଇଛନ୍ତି। ନଗର ଉନ୍ନୟନ ବିଭାଗ ଦ୍ୱାରା ମଧ ପଦବୀ ସଂରକ୍ଷଣ ତାଲିକା ବିଜ୍ଞପ୍ତି ପୂର୍ବରୁ ପ୍ରକାଶ ପାଇସାରିଛି ବୋଲି ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି। ପୌର ନିର୍ବାଚନରେ ଇଲେକଟ୍ରୋନିକ୍ସ ଭୋଟିଂ ମେସିନ୍ ଇଭିଏମର ବ୍ୟବହାର ହେବ ବୋଲି ନିର୍ବାଚନ କମିଶନ ସର୍ବଦଳୀୟ ବୈଠକରେ ସୂଚନା ଦେଇଛନ୍ତି। ପରେ ପରେ ସମସ୍ତ ରାଜନୈତିକ ଦଳର ଉପସ୍ଥିତ କର୍ମକର୍ତାମାନେ ଆଗାମୀ ପୌର ନିର୍ବାଚନ ସମ୍ପର୍କରେ ସେମାନଙ୍କର ମତାମତ ବୈଠକରେ ଉପସ୍ଥାପନ କରିଥିଲେ। ଏହି ସର୍ବଦଳୀୟ ବୈଠକରେ ଭାରତୀୟ ଜାତୀୟ କଂଗ୍ରେସର ଶିବାନନ୍ଦ ରାୟ, ଭାରତୀୟ ଜନତା ପାର୍ଟିର ଦିଲ୍ଲୀପ କୁମାର ମଲ୍ଲିକ, ବିଜୁ ଜନତା ଦଳର ସୁଲତା ଦେଓ, ରିପବ୍ଲିକାନ୍ ପାର୍ଟିର ରମେଶ ରଥ, ସିପିଆଇର ରମେଶ ପାଢ଼ୀ, ସିପିଆଇ (ଏମ୍)ର ଦୁଷ୍ମନ୍ତ ଦାସ, କଳିଙ୍ଗ ସେନାର ହେମନ୍ତ ରଥ, ସମାଜବାଦୀ ପାର୍ଟିର ସୁଦର୍ଶନ ପ୍ରଧାନ, ସିପିଆଇର ରାଧାକାନ୍ତ ସେଠୀ, ଫରୱାର୍ଡ ବ୍ଲକର ଜ୍ୟୋତିରଂଜନ ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟି ଓ ସୁପ୍ରିମ ପାର୍ଟି ଅଫ୍ ଇଣ୍ଡିଆର କର୍ମକର୍ତାମାନେ ବୈଠକରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ଆୟୋଗର ସଚିବ ରବୀନ୍ଦ୍ରନାଥ ସାହୁ, ଉପସଚିବ ଆଜାଦହିନ୍ଦ୍ ପାଣିଗ୍ରାହୀ ଓ ନିର୍ବାଚନ ଆୟୋଗର ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ନିର୍ବାଚନ ଲାଗି ଗାଡ଼ି ଓ ମାଇକ ପାଇଁ ଅନୁମତି ପତ୍ର ଦେଇପାରିବେ ତହସିଲଦାର : ନିର୍ବାଚନ କମିଶନ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ବର୍ତ୍ତମାନ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳମାନେ ନିର୍ବାଚନରେ ଡାକବାଜି ଯନ୍ତ୍ର ଓ ଗାଡ଼ିର ବ୍ୟବହାର ନିମନ୍ତେ ସଂପୃକ୍ତ ଅଧିକାରୀଙ୍କଠାରୁ ଅନୁମତି ପତ୍ର ପ୍ରାପ୍ତ ହେବା ନିମନ୍ତେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ନିର୍ବାଚନ କମିଶନଙ୍କଠାରେ ଅନେକ ଅଭିଯୋଗ ଆସି ପହଂଚୁଛି । ଏହାର ସୁପରିଚାଳନା ନିମନ୍ତେ ସ୍ଥାନୀୟ ତହସିଲଦାରମାନଙ୍କୁ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଗାଡ଼ି ଓ ଡାକବାଜି ଯନ୍ତ୍ରର ଅନୁମତି ପତ୍ର ପ୍ରଦାନ କରିବା ନିମନ୍ତେ ପ୍ରାଧିକୃତ କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ସବୁ ରାଜନୈତିକ ଦଳମାନେ ସହଜରେ ଅନୁମତି ପତ୍ର ପାଇପାରିବେ ।



ସଂପୃକ୍ତ ଉପଜିଲ୍ଲାପାଳଙ୍କ ସହ ସ୍ଥାନୀୟ ତହସିଲଦାରମାନେ ନିର୍ବାଚନ ନିମନ୍ତେ ଗାଡ଼ି ଓ ଡାକବାଜି ଯନ୍ତ୍ରର ବ୍ୟବହାର ନିମନ୍ତେ ଅନୁମତି ପତ୍ର ପ୍ରଦାନ କରିପାରିବେ । ଯେଉଁ ବ୍ଲକ୍ ପୁଲିସ କମିଶନରେଟ୍ ଅଧୀନରେ ଆସୁଛି ସେଠାରେ ସଂପୃକ୍ତ ପୁଲିସ କମିଶନର ଆବଶ୍ୟକ ଅନୁମତି ପତ୍ର ପ୍ରଦାନ କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ସରପଂଚ ଓ ପଂଚାୟତ ସମିତି ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ଗାଡ଼ି ବ୍ୟବହାର ନିମନ୍ତେ ସ୍ଥାନୀୟ ବିଡିଓ ଏବଂ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ କ୍ଷେତ୍ରରେ ଗାଡ଼ି ବ୍ୟବହାର ନିମନ୍ତେ ସଂପୃକ୍ତ ଉପଜିଲ୍ଲାପାଳମାନେ ଅନୁମତି ପତ୍ର ପ୍ରଦାନ କରିବେ ବୋଲି ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ସାଂସଦ ଶର୍ମିଷ୍ଠାଙ୍କ ମହତ କାର୍ଯ୍ୟ




ଗୋଖନା ବଜାର ନିକଟରେ ଦୁର୍ଘଟଣାରେ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଦେଖି ନିଜ ଗାଡ଼ିରେ ଆହତଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ମାନବିକତାର ପରିଚୟ ଦେଇଛନ୍ତି ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ।

## ମତଦାନର ୩୬ ଘଣ୍ଟା ପୂର୍ବରୁ ଲାଗୁ ହେବ କଟକଣା: ରାଜ୍ୟ ନିର୍ବାଚନ କମିଶନ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପଞ୍ଚାୟତ ନିର୍ବାଚନ ପାଇଁ ଏବେ ଜୋରସୋରରେ ପ୍ରଚାର ଚାଲିଛି । ଏହାରି ମଧ୍ୟରେ ଆୟୋଜିତ ଏକ ପ୍ରେସମିଟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ । ତାଙ୍କ କହିବା ମୁତାବକ, ମତଦାନର ୩୬ ଘଣ୍ଟା ପୂର୍ବରୁ ଲାଗୁ ହେବ କଟକଣା । ୩୬ ଘଣ୍ଟା ପୂର୍ବରୁ ଡାକବାଜି ପ୍ରଚାର ବନ୍ଦ ହେବ । ୧୪ ତାରିଖ ସନ୍ଧ୍ୟା ୭ଟାରୁ ପ୍ରଥମ ପର୍ଯ୍ୟାୟ ପ୍ରଚାର ବନ୍ଦ ହେବ । ପ୍ରଚାର କଟକଣା ଲାଗୁ ପରେ ବାହାର ନେତା ରହିପାରିବେନି । ସମ୍ବେଦନଶୀଳ ବୁଥ୍‌ରେ ଭିଡିଓ ରେକର୍ଡିଂ ଓ ସିସିଟିଭି ବ୍ୟବସ୍ଥା ରହିବ ।ଏହା ସହିତ ପ୍ରଥମ ପର୍ଯ୍ୟାୟରେ ୩୦ ଜିଲ୍ଲା, ୭୧ ବ୍ଲକ, ୨୦୦ ଜିଲ୍ଲା ପରିଷଦ ପାଇଁ ୧୬୬୯ ପଞ୍ଚାୟତ, ୨୨୩୭୯ ୱାର୍ଡ ମେମ୍ବର ପାଇଁ ଭୋଟିଂ ହେବ । ପ୍ରଥମ ପର୍ଯ୍ୟାୟରେ ୬୭ ଲକ୍ଷ ୫୧ ହଜାର ମତଦାତା ଭୋଟ ଦେବେ । ମତଦାନ କେନ୍ଦ୍ର ଅଭିମୁଖେ ୧୪ ଓ ୧୫ରୁ ପୋଲିଂ ଅଧିକାରୀ ବାହାରିବେ । ଏନେଇ ରାଜ୍ୟ ନିର୍ବାଚନ କମିଶନ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି ।

ପୌରାଞ୍ଚଳ ପାଇଁ ଡ୍ରାଫ୍ଟ ପବ୍ଲିସ ହୋଇଛି। ରାଜନୈତିକ ଦଳଙ୍କୁ ବି ପ୍ରଦାନ କରାଯାଇଛି। ପ୍ରଥମ ଥର ପାଇଁ NOTA ରହିଛି। ପ୍ରଥମ ଥର ପାଇଁ ମେୟର ଓ ଚେୟାରମ୍ୟାନ ନିର୍ବାଚନ ସିଧାସଳଖ ହେବ। ଗୋଟେ ବୁଥରେ ଦୁଇଟି ଇଭିଏମ ରହିବ। ଇଭିଏମ ଉପରେ କାଉନ୍ସିଲର ଓ କର୍ପୋରେଟରଙ୍କ ପାଇଁ ପିଙ୍କ ଓ ମେୟର ଓ ଅଧ୍ୟକ୍ଷଙ୍କ ପାଇଁ ହଳଦିଆ ରଙ୍ଗର ବ୍ୟାଲଟ ପେପର ରହିବ।

## ଡଃ ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକକୁ ଉନ୍ମୋଚନ କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀଙ୍କ ଉପସ୍ଥିତିରେ ଲୋକସମ୍ପର୍କ ଅଧିକାରୀ ଡଃ. ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲିଖିତ " ଦକ୍ଷିଣ ଏସିଆରେ ସ୍ୱେଚ୍ଛାସବୀ ଅନୁଷ୍ଠାନ ଓ ଗ୍ରାମୀଣ ବିକାଶ-ଅବଧାରଣା ଓ ବାସ୍ତବତା " ଶୀର୍ଷକ ପୁସ୍ତକର ଶୁଭ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକ ବିଶ୍ୱସ୍ତରର ଅଗ୍ରଣୀ ପ୍ରକାଶନ ସଂସ୍ଥା ସ୍ପ୍ରିଞ୍ଜର ନେଚର ଦ୍ୱାରା ପ୍ରକାଶିତ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଏହି ପୁସ୍ତକର ଇ-ଭର୍ସନକୁ ମଧ୍ୟ ଲୋକାର୍ପଣ କରିଛନ୍ତି । ଏହି ପୁସ୍ତକ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଭୂମିକା ବିଷୟରେ ଏକ ନିରପେକ୍ଷ ଓ ବାସ୍ତବବାଦୀ ମୂଲ୍ୟାୟନ । ୨୨୮ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକଟି ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଗଠନ, କାର୍ଯ୍ୟ ଦକ୍ଷତା , ସାମାଜିକ ଆସ୍ଥାଭାଜନତା, ସରକାରୀ-ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ, ସାଂପ୍ରତିକ ସ୍ଥିତି, ଭବିଷ୍ୟତ ପାଇଁ ଆହ୍ୱାନ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ଆଦି ବିଷୟରେ ଏକ ଉଚ୍ଚମାନର ବୈଜ୍ଞାନିକ ଅନୁଶୀଳନ।




ଏହି ଅବସରରେ ଲେଖକ ଡଃ. ମହାପାତ୍ର କହିଛନ୍ତି ଯେ, ସ୍ପ୍ରିଞ୍ଜର ପ୍ରକାଶନ ସଂସ୍ଥାର ବିଶେଷଜ୍ଞମାନେ ପାଣ୍ଡୁଲିପିକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଏହାକୁ ଏକ " ବିଶ୍ୱସ୍ତରୀୟ ଉତ୍କର୍ଷ ଓ ମୌଳିକ ଅନୁଶୀଳନର " ମାନ୍ୟତା ଦେଇଛନ୍ତି । ଏହା ବ୍ୟତୀତ ଆମେରିକାସ୍ଥିତ କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଏମେରିଟସ୍ ପ୍ରଫେସର ଟି.ଏନ୍. ପାଣ୍ଡେ, ଋଷିଆସ୍ଥିତ ସେଣ୍ଟ ପିଟର୍ସବର୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ଇରିନା ଏଲ୍. ପେରୋଭା, ଯୁକ୍ତରାଷ୍ଟ୍ରସ୍ଥିତ ୟୁନିଭରସିଟି ଅଫ୍ କ୍ରିଏଟିଭ୍ ଆର୍ଟର ଏମ୍.ବି.ଏ ବିଭାଗ ନିର୍ଦ୍ଦେଶକ ପ୍ରଫେସର ବି.ଏନ୍.ନାୟକ, ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟର ପ୍ରଫେସର ତଥା ଭାରତୀୟ ସମାଜତତ୍ତ୍ୱ ସୋସାଇଟିର ପ୍ରାକ୍ତନ ସଚିବ ଡଃ ଦିପ୍ତୀ ରଞ୍ଜନ ସାହୁ, ପଣ୍ଡିଚେରୀ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ବି.ବି.ମହାନ୍ତି, ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ନବନୀତା ରଥ, ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଓ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ଅସିତ୍ ତ୍ରିପାଠୀ, କିଟ୍ ଏବଂ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ଅନ୍ୟ ପ୍ରମୁଖ ଶିକ୍ଷାବିତ୍‌ମାନେ ଏହି ପୁସ୍ତକର ଉଚ୍ଚ ପ୍ରଶଂସା କରିଛନ୍ତି ।

ପୁସ୍ତକଟି ଗବେଷକ, ଛାତ୍ରଛାତ୍ରୀ, ନୀତି ନିର୍ଦ୍ଧାରକ, କାର୍ଯ୍ୟନିର୍ବାହୀ ବ୍ୟବସ୍ଥା, ବେସରକାରୀ ଅନୁଷ୍ଠାନ ଏବଂ ଜନ-ସହଭାଗିତା ଭିତ୍ତିକ ସାମଗ୍ରିକ ବିକାଶ ଉପରେ ବିଶ୍ୱାସ ରଖିଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ ପାଇଁ ବିଶେଷ ଉପାଦେୟ ହେବ। ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ନିମନ୍ତେ ଏହି ପୁସ୍ତକ ଗୁଗୁଲ ବୁକ୍ସ, ସ୍ପ୍ରିଜର.କମ, ଆମାଜନ, ଗୁଗୁଲ ପ୍ଲେ ଷ୍ଟୋର, ବୁକ୍ସପିକା. କମ୍ ଏବଂ ବ୍ଲାକ୍‌ୱେଲ୍.କୋ.ୟୁକେ ଆଦି ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ଉପଲବ୍ଧ । ଗୁଗୁଲ୍ ବୁକ୍ସ ମାଧ୍ୟମରେ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ପୁସ୍ତକର କେତେକ ମୁଖ୍ୟାଂଶ ପଠନ କରିପାରିବେ ।ପୁସ୍ତକକୁ ଉନ୍ମୋଚନ କରି ମୁଖ୍ୟ ଶାସନ ସଚିବ ବିଶ୍ୱସ୍ତରୀୟ ଲେଖାନିମନ୍ତେ ଡଃ ମହାପାତ୍ରଙ୍କର ପ୍ରଶଂସା କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତରହି ଡଃ ମହାପାତ୍ରଙ୍କୁ ବଧେଇ ଜଣାଇଥିଲେ ।

## ଆସନ୍ତା ୨୮ରୁ ଅଧ୍ୟୟନ ପାଇଁ ସ୍କୁଲ ଆସିବେ ପିଲା

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚଳିତ ଫେବୃଆରୀ ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କର ପାଠପଢା ବିଦ୍ୟାଳୟରେ ହେବାକୁ ଥିବାବେଳେ ତାହାକୁ ଫେବୃଆରୀ ୨୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ବିଭିନ୍ନ ଜିଲ୍ଲାପାଳମାନଙ୍କଠାରୁ ମିଳିଥିବା ରିପୋର୍ଟ ଆଧାରରେ ବିଭାଗ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି। ପୂର୍ବରୁ ରାଜ୍ୟ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ନିମନ୍ତେ ବିଦ୍ୟାଳୟରେ ପାଠପଢା ନିଷ୍ପତ୍ତି ନେଇଥିଲେ ମଧ ଦୀର୍ଘ ଦୁଇ ବର୍ଷ ଧରି ବିଦ୍ୟାଳୟଗୁଡିକ ବନ୍ଦ ଥିବା ଯୋଗୁଁ ଏଗୁଡିକର ସଫେଇ, ସାମାନ୍ୟ ମରାମତି ଏବଂ ପିଲାମାନଙ୍କ ନିମନ୍ତେ ଉତମ ପରିବେଶ ସୃଷ୍ଟି ନିମନ୍ତେ ସମୟର ଆବଶ୍ୟକତା ରହିଛି। ଏଥି ସହିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଶିକ୍ଷକମାନେ ନିୟୋଜିତ ହେବେ। ଏଥି ସହିତ ନିର୍ବାଚନ ସମୟରେ ପୋଲିସ ଏବଂ ନିର୍ବାଚନ ଅଧିକାରୀମାନଙ୍କ ଗହଳି ଯୋଗୁଁ କୋଭିଡ-୧୯ ସଂକ୍ରମଣର ଆଶଙ୍କା ମଧ ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଉପରୋକ୍ତ ମର୍ମରେ ନିଷ୍ପତ୍ତି ନିଆଯାଇଛି। ଫେବୃଆରୀ ୨୮ରେ ଅଫଲାଇନ୍ ପାଠପଢା ଆରମ୍ଭ ହେଲେ ମଧ ୧୪ ତାରିଖଠାରୁ ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟ ଯୋଗଦେବେ ଏବଂ ବିଦ୍ୟାଳୟର ଉପଯୁକ୍ତ ସାନିଟାଇଜେସନକୁ ସୁନିଶ୍ଚିତ କରାଇବେ। ଏହି ସମୟ ମଧ୍ୟରେ ପିଲାମାନଙ୍କର ଅନଲାଇନ୍ ପାଠପଢା ଜାରି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ।

## ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନେଇ ଗଣଶିକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ଚଳିତ ଫେବୃଆରୀ ୭ ତାରିଖଠାରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟ ଖୋଲିବା ସହ ଅଫ୍‌ଲାଇନ୍ / ଅନଲାଇନ୍ / ହାଇବ୍ରିଡ୍ ମୋଡରେ ଶିକ୍ଷାଦାନ କରାଯାଉଛି। ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ବାବଦରେ ଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତ୍ ଏବଂ ବିଶେଷଜ୍ଞମାନଙ୍କ ସହ ବିସ୍ତୃତ ଆଲୋଚନାପୂର୍ବକ ଏହି ଅଂଶୀଦାରମାନଙ୍କ ମତାମତ ଆଧାରରେ ପରୀକ୍ଷା ପରିଚାଳନା ଏବଂ ମୂଲ୍ୟାଙ୍କନ ନିମନ୍ତେ ଉପଯୁକ୍ତ ପ୍ରସ୍ତାବ ଗ୍ରହଣ କରାଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ଆଲୋଚନା ନେଇ ସବିଶେଷ ପଦକ୍ଷେପ ଗ୍ରହଣ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି ଯେ କୋଭିଡ-୧୯ ଶିକ୍ଷା କ୍ଷେତ୍ର ପାଇଁ ଏକ କଠିନ ସମୟ ସୃଷ୍ଟି କରିଛି ଏବଂ ଏହି ଆହ୍ୱାନଗୁଡିକୁ ଯଥା ସମ୍ଭବ ସମାଧାନ କରାଯିବ। ଶିକ୍ଷାଦାନର ପୁନରାରମ୍ଭ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ଏବଂ ଶିକ୍ଷକ ପ୍ରକିୟାରେ ଥିବା ବ୍ୟବଧାନକୁ ଦୂର କରିବା ଉପରେ ଆମେ ପ୍ରଧାନତଃ ଗୁରୁତ୍ୱାରୋପ କରିଛୁ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କଲା ରାଜ୍ୟ ପାନୀୟ ନିଗମ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଶା ରାଜ୍ୟ ପାନୀୟ ନିମଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନାଙ୍କ ଉପସ୍ଥିତିରେ ଏହି ରାଶିର ଚେକ୍ ନିଗମର ଅଧ୍ୟକ୍ଷ ଶ୍ରୀ ସୁଶୀଲ କୁମାର ଲୋହାନୀଙ୍କ ଠାରୁ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ କରି ଶ୍ରୀ ଲୋହାନୀ ଜଣାଇଥିଲେ ଯେ ଚଳିତ ୨୦୨୧-୨୨ ଆର୍ଥିକ ବର୍ଷ ଜୁନ୍ ମାସରେ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଆଜିର ରାଶିକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ, ସମୁଦାୟ ୧୦ କୋଟି ଟଙ୍କା ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି । ଏହି ଅବସରରେ ନିଗମ ତରଫରୁ ୨୦୨୦-୨୧ ଆର୍ଥିକ ବର୍ଷର ଡିଭିଡେଣ୍ଟ ବାବଦରେ ୬ କୋଟି ୨୬ ଲକ୍ଷ ୩୨୦ ହଜାର ୮୮ ଟଙ୍କାର ଚେକ୍ ମଧ ଶ୍ରୀ ଲୋହାନୀ ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ସରକାରଙ୍କୁ ପ୍ରଦାନ କରିଥିଲେ । ଚେକ୍ ଗ୍ରହଣକରି ଶ୍ରୀ ମହାପାତ୍ର ଲାଭଜନକ ପରିଚାଳନା ନିମନ୍ତେ ନିଗମର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ ।

## ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ମିଳିଲା ଏସିଆଇ ମାନ୍ୟତା




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ପୁଣି ଥରେ ଓଡିଶାକୁ ମିଳିଛି ଗର୍ବ ଆଉ ଗୌରବ ଅନୁଭବ କରିବାର ସୌଭାଗ୍ୟ । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଏୟାରପୋର୍ଟକୁ ମିଳିଛି ACI ମାନ୍ୟତା । ବିଶ୍ୱର ୧୪୦ଟି ବିମାନ ବନ୍ଦର ମଧ୍ୟରେ ଗୋଟିଏ ସ୍ଥାନ ହାସଲ କରିଛି ଭୁବନେଶ୍ୱର ଏୟାରପୋର୍ଟ । ଏଥିରେ ଭାରତର ମୋଟ ୭ଟି ବିମାନ ବନ୍ଦର ସାମିଲ ହୋଇଛନ୍ତି । ତେବେ ଏହି ୭ ଏୟାରପୋର୍ଟ ମଧ୍ୟରେ ଓଡିଶାର ଅତ୍ୟାଧୁନିକ ତଥା ବଡ ବିମାନବନ୍ଦର ବିଜୁ ପଟ୍ଟନାୟକ ଏୟାରପୋର୍ଟ ହାସଲ କରିଛି ଏକ ମହତ୍ୱପୂର୍ଣ୍ଣ ସ୍ଥାନ । ଏହି ସଫଳତା ଏବେ କେବଳ ଭୁବନେଶ୍ୱର ପାଇଁ ନୁହେଁ ବରଂ ସାରା ରାଜ୍ୟ ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ପାଲଟିଛି ।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com
ସମ୍ପାଦକ: ଅଜୟ ଦାସ
**Chief Editor : Harendra Kishor Das**
**Editor :Ajay Das**